ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.172 Bhubaneswar Sunday, August 22, 2021 ୨୪ତମ ବର୍ଷ ସଂଖ୍ୟା–୧୭୨ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଉପରାଷ୍ଟ୍ରପତି ଏମ.ଭେଙ୍କୟା ନାଇଡୁ ଏବଂ ଉଷା ନାଇଡୁ ସେମାନଙ୍କ ପରିବାର ସଦସ୍ୟଙ୍କ ସହ କର୍ଣ୍ଣାଟକର ହମ୍ପି ଠାରେ ଥିବା ଗ୍ରୁପ୍ ଅଫ୍ ସ୍ମାରକୀ ପରିଦର୍ଶନ କରିଥିଲେ

# ହିଞ୍ଜିଳିରେ ୧୦ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୮(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରୁ ଆରମ୍ଭ ହୋଇଛି ସ୍କୁଲ ରୂପାନ୍ତରଣ କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ୧୦ଟି ରୂପାନ୍ତରିତ ସ୍କୁଲକୁ ଶନିବାର ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ୧୦ଟି ଯାକ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ବିଧାୟକଗଣ, ସରପଂଚ, ପଂଚାୟତ ସଦସ୍ୟ, ସ୍କୁଲର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। ୫–ଟି ଉପକ୍ରମରେ ହିଞ୍ଜିଳିର ୫୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। କାର୍ଯ୍ୟକ୍ରମକୁ ଭର୍ଚ୍ୟୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତି ପିଲା ହେଉଛି ଅନନ୍ତ ସମ୍ଭାବନାର ପ୍ରତୀକ। ତାର ସୁନ୍ଦର ଭବିଷ୍ୟତ ପାଇଁ ତା ଆଖିରେ ଥାଏ ଅନେକ ସ୍ୱପ୍ନ ଓ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ରୂପାନ୍ତରଣ ଆଣିଛି ସୁଯୋଗ। ପିଲାଙ୍କ ସ୍ୱପ୍ନ ସାକାର ହେଲେ ପୂରଣ ହେବ ନୂଆ ଓଡିଶା, ନବୀନ ଓଡିଶାର ଲକ୍ଷ୍ୟ । ଏହି ରୂପାନ୍ତରକୁ ନୂଆ ଓଡିଶାର ଭିତି ଭାବରେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲ ହେଉଛି ସମସ୍ତଙ୍କ ଜୀବନର ଶ୍ରେଷ୍ଠ ସମୟ। ଏହି ରୂପାନ୍ତର ତୁମ ମାନଙ୍କ ପାଇଁ । ତୁମମାନଙ୍କ ଭବିଷ୍ୟତ ପାଇଁ ଏବଂ ତୁମମାନଙ୍କୁ ଶ୍ରେଷ୍ଠ ଗଢିବା ପାଇଁ ଏହା ଅନେକ ସୁଯୋଗ ସୃଷ୍ଟି କରିବ । ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟକୁ ବାଟ ଦେଖାଇଛି । ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୭୦ ସ୍କୁଲର କାୟାକଳ୍ପ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ସୂଚନା ଦେଇଥିଲେ ।ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ସ୍କୁଲ ରୂପାନ୍ତରଣ ହେଉଛି, ଆମର ୫–ଟି କାର୍ଯ୍ୟକ୍ରମର କ୍ଲାସିକ୍ ଉଦାହରଣ । ୫–ଟିର ଟେକ୍ନୋଲୋଜି ଆମକୁ ସ୍ମାର୍ଟ କ୍ଲାସ୍ ରୁମ୍, ଇ–ଲାଇବ୍ରେରୀ, କମ୍ପ୍ୟୁଟର ଓ ଅତ୍ୟାଧୁନିକ ଲାବ୍ରୋଟୋରୀର ସୁବିଧା ଦେଇଥିବା ବେଳେ, ଆମ ସମସ୍ତଙ୍କର ମିଳିତ ଉଦ୍ୟମ ହେଉଛି ଟିମ୍ ୱାର୍କ। ୫–ଟିର ତୃତୀୟ ଆଧାର ହେଉଛି ଟାଇମ୍ ଅନୁସାରେ ଅଗଷ୍ଟ ୧୫ ସୁଦ୍ଧା ହିଞ୍ଜିଳି–ଶେରଗଡର ୫୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ୬ ମାସ ତଳେ କାମ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ ହୋଇଛି । ସ୍କୁଲ ମାନଙ୍କରେ ଯାହାକିଛି ପରିବର୍ତ୍ତନ ଆସିଛି, ଲୋକଙ୍କ ସହ ଆଲୋଚନା କରି କରାଯାଇଛି। ଭିଜନ ଡକ୍ୟୁମେଂଟ ଠାରୁ ଆରମ୍ଭ କରି ଖର୍ଚ୍ଚ ବିଷୟରେ ଲୋକମାନେ ସବୁ ବିଷୟରେ ଅବଗତ ଅଛନ୍ତି। ସେମାନେ ନିଜେ ମଧ୍ୟ କାମ ତଦାରଖ କରିଛନ୍ତି। ସ୍ୱଚ୍ଛତା ହେଉଛି ୫–ଟିର ସବୁଠାରୁ ବଡ ଶକ୍ତି । ଆଉ ଗୋଟିଏ ବିଷୟ ହେଲା ପିଲାମାନଙ୍କ ପାଇଁ ଭଲ ପିଇବା ପାଣି ଓ ଉତ୍ତମ ପରିମଳ ବ୍ୟବସ୍ଥାର ଉପଲବ୍‌ଧତା। ଏସବୁ କିଛି ଆଣିପାରିଛି ରୂପାନ୍ତର ଏବଂ ଯାହା କି ସମସ୍ତେ ଦେଖି ପାରୁଛନ୍ତି ଓ ଅନୁଭବ ମଧ୍ୟ କରିପାରୁଛନ୍ତି ।ଅତିଥି ଭାବରେ ଯୋଗ ଦେଇଥିବା ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ ଓ ବିଧାୟକ ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳିର ସ୍କୁଲ ମାନଙ୍କର ଏ ରୂପାନ୍ତରଣ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବରେ ଏକ ବଡ ପ୍ରେରଣା । ଏହା ସାରା ରାଜ୍ୟରେ ମଧ୍ୟ ସମ୍ଭବ। ଗଞ୍ଜାମରେ ଏହାର ସଫଳତା ହେଉଛି ଗୋଷ୍ଠୀର ଅଂଶଗ୍ରହଣ । ଆପଣ ଗଞ୍ଜାମରେ ଯଦି କିଛି କାମ ପାଇଁ ଏକ ଲକ୍ଷ ଟଙ୍କା ଦେବେ, ତେବେ ସେମାନେ ଆପଣଙ୍କ ଦୁଇ ଲକ୍ଷ ଟଙ୍କାର କାମ କରି ଦେଖାଇବେ । ସେହିପରି ୫ ଲକ୍ଷ ଦେଲେ, ୮ ଲକ୍ଷ ଟଙ୍କାର କାମ କରି ଦେଖାଇବେ । ଗଞ୍ଜାମର ଏହି ଗୋଷ୍ଠୀ ଚେତନା ହିଁ ଗଞ୍ଜାମର ସବୁଠାରୁ ବଡ ଶକ୍ତି ଓ ସଫଳତା। ସାରା ରାଜ୍ୟରେ ପିଲାମାନଙ୍କ ସୁନ୍ଦର ଭବିଷ୍ୟତ ପାଇଁ ମିଳିମିଶି କାମ କଲେ ତାହା ହିଁ ଆଣିବ ଓଡିଶାର ପ୍ରକୃତ ରୂପାନ୍ତର। ପରିଶେଷରେ ଜନସାଧାରଣ ରୂପାନ୍ତରଣ ହୋଇଥିବା ସ୍କୁଲ ଗୁଡିକର ଯତ୍ନ ନିଜ ସଂପତି ପରି ନେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ କୋଡ଼ିଏ ଜଣ ବିଧାୟକ ଓ ମନ୍ତ୍ରୀ ଭାଗ ନେଇଥିଲେ ।ସେମାନେ ସ୍କୁଲ ରୂପାନ୍ତରୀକରଣ କାମର ଉଚ୍ଚ ପ୍ରଶଂସା କରିଥିଲେ । ୫–ଟି ସଚିବ ଭି କେ ପାଣ୍ଡିଆନ୍ କାର୍ଯ୍ୟ କ୍ରମ ସଚାଳନା କରିଥିଲେ ।ଏଥିରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ପଦାଧିକାରୀ ଓ ବିଭିନ୍ନ ଜିଲ୍ଲାର ଜିଲ୍ଲା ପାଳ ମାନେ ଉପସ୍ଥିତ ଥିଲେ ।

## ପିଲାଙ୍କୁ ଜାଇଡସ୍ ଟିକା ଦେବା ନେଇ ଗାଇଡଲାଇନ୍ ଆସିନି : ଡିଏମଇଟି

ଭୁବନେଶ୍ୱର,୨୧।୮(ପି.ଏନ): ଛୋଟ ପିଲାଙ୍କୁ ଜାଇଡସ୍ କାଡ଼ିଲା ଟିକା ଦେବା ନେଇ କୌଣସି ଜାତୀୟ ଗାଇଡଲାଇନ ଆସିନାହିଁ। ଗାଇଡଲାଇନ ଆସିବା ପରେ ଟିକା ଦେବା ପାଇଁ ବ୍ୟବସ୍ଥା କରାଯିବ। ବୁଷ୍ଟର ଡୋଜ ଦେବା ନେଇ କୌଣସି ଗାଇଡଲାଇନ ଆସିନାହିଁ। ଇସ୍ରାଏଲ ସମେତ କିଛି ଦେଶରେ ବୁଷ୍ଟର ଡୋଜ ଦିଆଯାଉଛି। ବର୍ତ୍ତମାନ ଗାଇଡଲାଇନ ଆସିନାହିଁ। ଆଗକୁ ଯଦି ଆବଶ୍ୟକତା ପଡ଼େ, କେନ୍ଦ୍ର ସରକାର ଗାଇଡଲାଇନ ପ୍ରକାଶ କରନ୍ତି ତେବେ ଦିଆଯିବ ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି ।ଆମ ରାଜ୍ୟରେ ବର୍ତ୍ତମାନ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୧୨ ପ୍ରତିଶତ ଶିଶୁ ରହୁଛନ୍ତି । ଭୁବନେଶ୍ୱର ଓ କଟକରେ ଲୋକମାନେ କୋଭିଡ ନିୟମ ମାନୁ ନଥିବାରୁ ସଂକ୍ରମଣ ବଢୁଛି।

## ଗରିବ ଲୋକଙ୍କୁ ମାଗଣାରେ ଇକମୋ ଚିକିତ୍ସା ଦେବ ଏମସ୍

ଭୁବନେଶ୍ୱର,୨୧।୮(ପି.ଏନ): ଗରିବ ଲୋକଙ୍କୁ ମାଗଣାରେ ଇକମୋ ଚିକିତ୍ସା ଯୋଗାଇବ ଭୁବନେଶ୍ୱର ସ୍ଥିତ ଏମସ୍ । ରାସନ କାର୍ଡଧାରୀ ଓ ଗରିବ ଲୋକଙ୍କୁ ମାଗଣାରେ ଏହି ଚିକିତ୍ସା ସୁବିଧା ମିଳିବ ବୋଲି ଭୁବନେଶ୍ୱର ଏମସ୍ ଅଧିକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ଗତ ଜୁଲାଇ ୧୫ରୁ ଏମସ୍ ରେ କାର୍ଯ୍ୟକ୍ଷମ ହୋଇଛି ଇକମୋ ମେସିନ ।ଅପରପକ୍ଷରେ କଟକ ଏସସିବିରେ ଇକ୍‌ମୋ ର ୨ଟି ୟୁନିଟ୍ କରାଯାଇଛି । ପ୍ରଥମ ୟୁନିଟ୍ ରେ ୬ଟି ଓ ଦ୍ୱିତୀୟ ୟୁନିଟ୍ ରେ ୩ଟି ମେସିନ ରହିବ। ଦ୍ୱିତୀୟ ୟୁନିଟ୍ ରେ ୩ଟି ମେସିନ କୋଭିଡ୍ ରୋଗୀଙ୍କୁ ସେବା ଦେବ। ତେବେ କୋଭିଡ୍ ପରବର୍ତ୍ତୀ ଜଟିଳତା ପାଇଁ ଅନ୍ୟ ୬ଟି ମେସିନ ରହିବ।

# ଗୋଟିଏ ଦିନରେ ୯୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୯୧୭୩ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୧୬ ଜଣ ସଂକ୍ରମିତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୩୨୪୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୪୯୭ ରହିଛି । ଆଜି ଚିହ୍ନଟ ହୋଇଥିବା ୯୧୧ ଜଣଙ୍କ ମଧ୍ୟରୁ ୫୩୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୮୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୫୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୨୩, ବାଲେଶ୍ୱରରୁ ୫୧, ବରଗଡ଼ରୁ ୭, ଭଦ୍ରକ୍ ରୁ ୧୨, ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ , ବୌଦ୍ଧରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି କଟକରୁ ୮୮, ଦେବଗଡରୁ ୧୦ ଢେଙ୍କାନାଳରୁ ୧୬, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିଜିଲ୍ଲାରୁ ୬, ଗଞ୍ଜାମରୁ ୪ ଜଗତସିଂହପୁରରୁ ୨୪, ଯାଜପୁରରୁ ୪୯, ଝାରସୁଗୁଡାରୁ ୨, କଳାହାଣ୍ଡିରୁ ୭, କନ୍ଧମାଳରୁ ୪, କେନ୍ଦ୍ରାପଡ଼ାରୁ ୩୧, କେନ୍ଦୁଝରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୩୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୭, ମୟୁରଭଞ୍ଜରୁ ୩୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୧୯ , ନୂଆପଡାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୩୦, ରାୟଗଡାରୁ ୭, ସମ୍ବଲପୁରରୁ ୧୩, ସୁବର୍ଣ୍ଣପୁରରୁ ୩, ସୁନ୍ଦରଗଡରୁ ୮ ଓ ଷ୍ଟେଟପୁଲରୁ ୭୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଲକ୍ଷ୍ମୀ ମିତଲ

ଭୁବନେଶ୍ୱର, ୨୧।୮(ପି.ଏନ): ଦେଶର ବିଶିଷ୍ଟ ଶିଳ୍ପପତି ତଥା ଆର୍ସେଲର ମିତଲ କମ୍ପାନିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ମିତଲ ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନିବାନ ନିବାସରେ ମିତଲ ପାଖାପାଖି ୧ ଘଂଟା ରହିଥିଲେ। ଓଡ଼ିଶା ଗସ୍ତରେ ଥିବା ମିତଲ ଆଜି କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ସେ ସେଠାରେ ଆର୍ସେଲର–ନିପ୍ପନ ଷ୍ଟିଲ ଇଣ୍ଡିଆ କମ୍ପାନି ପରିଦର୍ଶନ କରିବା ସହ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ।

## ଖଇରପୁଟ ରେ ସ୍ମାର୍ଟ ହେଲଥ୍ କାର୍ଡ ବାଂଟିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୨୧।୮(ପି.ଏନ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ରେ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍ କାର୍ଡ ବିତରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ନାରୀନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଅନ୍ୟ ଲୋକପ୍ରତିନିଧିମାନଙ୍କ ସମେତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ରାଜ୍ୟର ପ୍ରାୟ ୯୬ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଏହି ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରାଯିବ। ଏହି କାର୍ଡ ଦ୍ୱାରା ମାଲକାନଗିରି ଜିଲ୍ଲାର ପ୍ରାୟ ୧.୫୭ ଲକ୍ଷ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ହେବ।

## ରାଜଧାନୀରେ ୨୪ ଘଂଟାରେ ୨୭୫ ପଜିଟିଭ୍

ଭୁବନେଶ୍ୱର, ୨୧।୮(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୨୭୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୧୬ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୟାପଲ୍ଲୀରୁ ୧୪ ଜଣ, ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫୨୭୫ କୁ ବୃଦ୍ଧି ପାଇଛି।

# ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଜଙ୍ଗଲ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଓ ସାମାଜିକ ସୁରକ୍ଷା ଦାବୀ

ଭୁବନେଶ୍ୱର ୨୧।୮(ପି.ଏନ): ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ନିର୍ମାଣ ଓ ଜଙ୍ଗଲ ଆନ୍ତର୍ଜାତିକ ମହାସଂଘ ତରଫରୁ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ୨୦୨୦–୨୧ ରେ କୋଭିଡ଼–୧୯ ସଂକ୍ରମଣ ପରିସ୍ଥିତିରେ ଶହ ଶହ ଶ୍ରମିକମାନଙ୍କର ମୃତ୍ୟୁ ସଂକ୍ରମଣ ପରିସ୍ଥିତିରେ ଜୀବନ ଜୀବିକା ହରାଇବା ସଂପର୍କରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଂଗେ ସଂଗେ ସାଂପ୍ରତିକ ପରିସ୍ଥିତିରେ ଜାତୀୟ ସରକାର ମାନେ ଜଙ୍ଗଲ ଶ୍ରମିକଙ୍କର ସ୍ଥାୟୀ ରୋଜଗାର ସର୍ବନିମ୍ନ ମଜୁରୀ ସ୍ୱାସ୍ଥ୍ୟ ଚିକିତ୍ସା ଓ ସାମାଜିକ ସୁରକ୍ଷା ନିଶ୍ଚିନ୍ତ କରିବା ଆବଶ୍ୟକ ବୋଲି ପ୍ରସ୍ତାବରେ କୁହାଯାଇଛି। ଏହି ଆଲୋଚନାରେ ଭାଗ ନେଇ ଜଙ୍ଗଲ ନିର୍ମାଣ ଓ କର୍ମଚାରୀ ମହାସଂଘର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ଉପସଭାପତି ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଏଫ.ଏସ୍.ସି., ଏସ୍.ଏଫ୍.ଆଇ., ବି.ଏଫ୍.ସି. ଭଳି ଫରେଷ୍ଟ ସାର୍ଟିଫିକେସନ ସଂଘ ମାଧ୍ୟମରେ ନିଯୁକ୍ତି ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଓ ଏକ ଆଂଚଳିକ ଓ ଜାତୀୟ ସ୍ତରରେ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ ମହାସଂଘର ସଂପୃକ୍ତ ଶ୍ରମିକ ସଂଗଠନ ମାଧ୍ୟମରେ ଜାତୀୟ ସ୍ତରରେ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଓ ସ୍ଥାୟୀ ରୋଜଗାର ପାଇଁ ତଥା ଜଙ୍ଗଲ ସଂରକ୍ଷଣ ଓ ସୁରକ୍ଷା ପାଇଁ ଜାତୀୟ ସ୍ତରରେ ଆଇନ୍ ପ୍ରଣୟନ କରିବାକୁ ଆନ୍ଦୋଳନ ଓ ଲବି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଓଡ଼ିଶା ଫରେଷ୍ଟ ଓ ମାଇନର ଫରେଷ୍ଟ ପ୍ରଡ଼ିୟୁସି ୱାର୍କସର ୟୁନିଅନର ସାଧାରଣ ସଂପାଦକ କିଶୋର ଜେନା ଏହି ଆଲୋଚନାରେ ଭାଗ ନେଇ ବିଶେଷ ଭାବରେ ଓଡ଼ିଶାର କେନ୍ଦୁଝର, ମୟୁରଭଞ୍ଜ, ବୌଦ୍ଧ, କନ୍ଧମାଳ, ଢ଼େଙ୍କାନାଳ, ଅନୁଗୁଳ ସମେତ ଓଡ଼ିଶାରେ ୧୩ ଟି ଜିଲ୍ଲାରେ ଶାଳ ମଞ୍ଜି ଉପରେ ନିର୍ଭର କରୁଥିବା ଆଦିବାସୀ ମହିଳା ଶ୍ରମିକମାନଙ୍କର ବେ–ରୋଜଗାର ତଥା ବିଭିନ୍ନ ସମସ୍ୟା ସଂପର୍କରେ ଏକ ବିବରଣୀ ଉପସ୍ଥାପନ କରିବା ସଂଗେ ସଂଗେ ଜଙ୍ଗଲ କଲ୍ୟାଣ ବୋର୍ଡ଼ ଜାତୀୟ ଓ ରାଜ୍ୟସ୍ତରରେ କରିବା ପାଇଁ ଦାବୀ କରଥିଲେ। ଏହି ଆଲୋଚନାରେ ମାଲେସିଆ, ଇଣ୍ଡୋନେସିଆ, ବ୍ୟାଙ୍କକ, ଇଣ୍ଡିଆ, ଫିଲ୍‌ପିନ୍, ମିଆମାର, ନେଦରଲ୍ୟାଣ୍ଡ ଓ ଦକ୍ଷିଣ ଆମେରିକାର ବିଭିନ୍ନ ଦେଶର ୩୨ ଜଣ ଶ୍ରମିକ ନେତା ଆଲୋଚନାରେ ଭାଗ ନେଇଥିଲେ। ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଆଂଚଳିକ ପ୍ରତିନିଧି ଆପୋଲିନର ଟଲୋଂଟିନ, ଫରେଷ୍ଟ ଡାଇରେକ୍ଟର କୋଏନ୍, ଡକ୍ଟର ରାଜୀବ ଶର୍ମା, ପ୍ରେରଣା ପ୍ରସାଦ ପ୍ରମୁଖ ଏହି ଆଲୋଚନାର ସଂଯୋଜନା କରିଥିଲେ।

# ଆଇଆଇଟି, ହାଇଦ୍ରାବାଦର ଫେକ ରିପୋର୍ଟ ଦେଇଛନ୍ତି ସରକାର

ଭୁବନେଶ୍ୱର,୨୧।୮(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା, ଖରସ୍ରୋତା ନଦୀ ଉପରେ ନିର୍ମାଣ କରାଯାଉଥିବା ମେଗା ପାଇପ ୱାଟର ସପ୍ଲାଏ ପ୍ରୋଜେକ୍ଟ ସଂପର୍କରେ ପ୍ରଦେଶ କଂଗ୍ରେସ ପକ୍ଷରୁ ବଡ଼ ଖୁଲାସା କରାଯାଇଛି। ଶନିବାର ଦିନ ପ୍ରଦେଶ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳପକ୍ଷରୁ ଅଭିଯୋଗ ହୋଇଛି ଯେ ରାଜ୍ୟ ସରକାରଙ୍କର ପକ୍ଷରୁ ଦିଆଯାଇଥିବା ପରିବେଶ ସାମାଜକି ପ୍ରଭାବ ରିପୋର୍ଟ ସଂପୂର୍ଣ୍ଣ ମିଥ୍ୟା ଏବଂ ଭିତିହୀନ। ଯେହେତୁ ପ୍ରକଳ୍ପଟି ଭିତର କନିକା ଇକୋ ସେନ୍‌ସିଟିଭ ଜୋନ ମଧ୍ୟରେ ଆସୁଛି ତେଣୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଇକୋ ସେନ୍‌ସିଟିଭ୍ ଜୋନ କମିଟିର ସହମତି ଏବଂ ସ୍ୱୀକୃତି ନେବା ଜରୁରୀ। ଏ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୧୬ ଜୁନ ୨୦୧୫ ମସିହାରେ ଏକ ଗେଜେଟ ନୋଟିଫିକେସନ ବା ବିଜ୍ଞପ୍ତି ଜାରିକରିଥିଲେ। ମାତ୍ର ରାଜ୍ୟ ସରକାର ଭଦ୍ରକ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପ ପାଇଁ ଭିତରକନିକା ସଂପର୍କରେ କୌଣସି ଏନ୍‌ଭାରନ୍‌ମେଟ ଇମ୍ପାକ୍ଟ ଏସେସ୍‌ମେଂଟ ଷ୍ଟଡି କରିନାହାଁନ୍ତି ବୋଲି କଂଗ୍ରେସ ମିଡ଼ିଆ କନଭେନର ସତ୍ୟ ପ୍ରକାଶ ଅଭିଯୋଗ କରିଛନ୍ତି। କେନ୍ଦ୍ରପଡ଼ା ଓ ସମଗ୍ର ରାଜ୍ୟବାସୀଙ୍କୁ ଭୂଆଁ ବୁଲେଇବା ପାଇଁ ଆଇଆଇଟି, ହାଇଦ୍ରାବାଦ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ମିଛି କହିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି ରାଜ୍ୟ ସରକାର ଯେଉଁ ଇ.ଏସ୍. ଆଇ ଏ ରିପୋର୍ଟକୁ ଦେଖାଉଛନ୍ତି ତାହା ଆଇଟି, ହାଇଦ୍ରାବାଦର ଫେକ ରିପୋର୍ଟ। ଭିତରକନିକା ଏକ ଇକୋ–ସେନସିଟିଭ ଜୋନ ହୋଇଥିବା ବେଳେ ସରକାର କାହିଁକି ଦେଶର ଏକ ବିଶ୍ୱସନୀୟ ସଂସ୍ଥା ଠାରୁ ଏନ୍‌ଭାଇରନମେଂଟ ଇମ୍ପାକ୍ଟ ଏସେସମେଂଟ ରିପୋର୍ଟ ପ୍ରସ୍ତୁତ କଲେନାହିଁ। ଆଇଆଇଟି ହାଇଦ୍ରାବାଦର ଯେଉଁ ରିପୋର୍ଟ ଦେଖାଉଛନ୍ତି ତାହା ଭଦ୍ରକ ମେଗା ପାଇଁ ପାଇପ ପାନୀୟ ଜଳ ପ୍ରକଳ୍ପର ଫିଜିବିଲଟି ରିପୋର୍ଟ ସେଥିରେ ଭିତରକନିକା ଜାତୀୟ ଉଦ୍ୟାନ ସମ୍ପର୍କିତ କୌଣସି ତଥ୍ୟ ଉଲ୍ଲେଖ ନାହିଁ ଯଦି ଅଛି ସରକାର ଦେଖେଇ ଦିଅନ୍ତୁ କେଉଁଠି ଓ କ'ଣ ଉଲ୍ଲେଖ ଅଛି ? ସରକାର ଆଇଟି ହାଇଦ୍ରାବାଦକୁ ପରିବେଶ ପ୍ରଭାବ ସଂକ୍ରାନ୍ତୀୟ ସର୍ତ ପାଇଁ କେବେ ନିଯୁକ୍ତି ଦେଲେ ? ଏଥିପାଇଁ କେତେ ଟଙ୍କା ସରକାର ଆଇଆଇଟିକୁ ଦେଇଛନ୍ତି ? ସର୍ଭେ ରିପୋର୍ଟର ଟର୍ମ ଅଫ ରେଫେରେନ୍ସ କପି କାହିଁକି ସୂଚନା ଅଧିକାରରେ ଦେଇନାହାଁନ୍ତି ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ ପ୍ରଶ୍ନ କରିଛନ୍ତି ଯେ ରାଜ୍ୟ ପରିବେଶ ଜଙ୍ଗଲ ବିଭାଗମନ୍ତ୍ରୀ ବିକ୍ରମ ଆରୁଖ କାହିଁକି ନୀରବ ? ଏ ଘଟଣାର କେନ୍ଦ୍ରୀୟ ଆଇନର ଉଲଂଘନନ ହୋଇଛି ତେଣୁ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ଅଭିଯୁକ୍ତ ଠିକାଦାର ଓ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ଦାଶ ଦାବି କରିଛନ୍ତି।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ ।



ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୨୨**

# ଗହ୍ମା ପୂର୍ଣ୍ଣିମା ଓ ରକ୍ଷାବନ୍ଧନ

ବର୍ଷ ତମାମ ଆମ ପରମ୍ପରା ସହ ଯୋଡି ହୋଇ ରହିଛି ପର୍ବପର୍ବାଣୀ । ଋତୁଚକ୍ର ସହ ତାଳଦେଇ ବିଭିନ୍ନ ମାସରେ ଭିନ୍ନ ଭିନ୍ନ ପର୍ବପର୍ବାଣୀ ପାଳନ କରାଯାଇଥାଏ । ସଂସ୍କୃତି ଆଉ ପରମ୍ପରା ମଧ୍ୟରେ ନିଜକୁ ପରିଚାଳିତ କରିବା ପାଇଁ ଏହି ପର୍ବପର୍ବାଣୀଗୁଡିକ ଆମକୁ ସଚେତନ କରାଇଦିଏ । ଶ୍ରାବଣ ପୂର୍ଣ୍ଣିମା ଦିନ ଗହ୍ମା ପର୍ବ ଅତି ଆନନ୍ଦର ସହ ପାଳନ କରାଯାଏ । ଏହା ଏକ କୃଷି ଭିତ୍ତିକ ପର୍ବ । ଶ୍ରାବଣ ମାସ ଶେଷରେ କୃଷି କର୍ମର ମୁଖ୍ୟ ଦେବତା ପ୍ରଭୁ ବଳରାମଙ୍କ ଜନ୍ମ ଉତ୍ସବ ପାଳନ କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଇ ଆସୁଛି । ସମସ୍ତେ ନିଜ ନିଜ ଗୃହରେ ବଳଦେବଙ୍କୁ ପୂଜା କରନ୍ତି । ଏହି ଦିନ ଗାଈଗୋରୁ ମାନଙ୍କୁ ସ୍ନାନ କରାଯିବା ସହ ଆନେକ ସୁସ୍ୱାଦୁ ଖାଦ୍ୟ ଦିଆଯାଇଥାଏ । ହଳ ଲଙ୍ଗଳ, ଅନ୍ୟ ଚାଷ ଉପକରଣକୁ ମଧ୍ୟ ପୂଜା କରଯାଇଥାଏ । ଚାଷୀମାନେ ନିଜ ନିଜ ଜମିବାଡ଼ିରେ ମଧ୍ୟ ଫୁଲ, ଦୀପ ଏବଂ ପିଠା ଦାନକରି ଭଲ ଫସଲ ଅମଳ ପାଇଁ ପ୍ରାର୍ଥନା କରିଥାନ୍ତି । ଲୋକ କଥା ରହିଛି ଯେ, ପ୍ରଭୁ ବଳଦେବଙ୍କ ହାତରେ ଗହ୍ମାସୁରର ମୃତ୍ୟୁ ହେବା ପରେ ପୃଥିବୀ ପୃଷ୍ଠରୁ ପାପ କମି ଯାଇଥିବାରୁ ଲୋକେ ଆନନ୍ଦରେ ଗହ୍ମା ଡିଆଁ ଖେଳ ଖେଳିଥାନ୍ତି । ଏହି ପୂର୍ଣ୍ଣିମାରେ, ରକ୍ଷାବନ୍ଧନ ପର୍ବ ପାଳନ କରାଯାଇଥାଏ । ଏହା ଏକ ପବିତ୍ର ବନ୍ଧନ । ଏହି ପର୍ବ ନାରୀଜାତି ର ସୁରକ୍ଷା ବିଷୟରେ ସମଗ୍ର ମାନବ ଜାତିକୁ ସଚେତନତାର ବାର୍ତା ଦେଇଥାଏ । ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶୁଭ ମନାସି ଥାଏ ଏବଂ ଭାଇ ତା'ର ଭଉଣୀକୁ ସବୁ ଦିନ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ । ଏହା ଦ୍ୱାରା ଉଭୟଙ୍କ ମଧ୍ୟରେ ସମ୍ପର୍କ ଆହୁରି ଦୃଢ଼ ହୋଇଥାଏ । ଆମ ରାଜ୍ୟର ଅନେକ ଅଞ୍ଚଳରେ ଏହି ଦିନ ରେ କୁଳ ପୁରୋହିତ ନିଜ ନିଜ ଜଜମାନଙ୍କ ହାତରେ ରାକ୍ଷୀ ବାନ୍ଧି ମନ୍ତୁରା ପଇତା ଦେଇ ମଙ୍ଗଳ କାମନା କରିଥାନ୍ତି ।


ଡ. ଗଣେଶ ଚନ୍ଦ୍ର କୁଣ୍ଡ

ଆମର ଆରାଧ ଦେବତା ମଧ୍ୟ ଏହି ସଂପର୍କର ଡୋରୀରେ ବନ୍ଧା ହୋଇ ପାଳନ କରିଥାନ୍ତି ରାକ୍ଷୀ ପୂର୍ଣ୍ଣିମା । ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ରଙ୍କୁ ରାକ୍ଷୀ ବାନ୍ଧିଥାନ୍ତି ଭଉଣୀ ସୁଭଦ୍ରା । ପୁରାଣ ରେ ମଧ୍ୟ ରକ୍ଷାବନ୍ଧନ ବିଷୟରେ ଅନେକ ଘଟଣା ଅଛି । ରାଜା ବଳି ଭଗବାନ ବିଷ୍ଣୁଙ୍କର ଜଣେ ବଡ ଭକ୍ତ ଥିଲେ । ତାଙ୍କ ଉପରେ କୌଣସି ବିପଦ ଆସୁ ଏହା ବିଷ୍ଣୁ ଚାହୁଁ ନ ଥିଲେ । ତେଣୁ ବଳି ଉପରେ ବିପଦ ଥିବା ଜାଣି ବିଷ୍ଣୁ ବୈକୁଣ୍ଠ ତ୍ୟାଗକରି ବଳିର ରାଜପ୍ରାସାଦରେ ଅବସ୍ଥାନ କଲେ । ଏହା କିନ୍ତୁ ମାତା ଲକ୍ଷ୍ମୀଙ୍କୁ ପସନ୍ଦ ଆସିନଥିଲା । ତେଣୁ ମହାଲକ୍ଷ୍ମୀ ବ୍ରାହ୍ମଣୀ ବେଶ ହୋଇ ଶ୍ରାବଣ ପୂର୍ଣ୍ଣମୀରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଥିଲେ । ଲକ୍ଷ୍ମୀ ମାତା ଙ୍କ ର ଉଦ୍ଦେଶ୍ୟ ଜାଣିବା ପରେ ବଳି ଭଗବାନଙ୍କୁ ବୈକୁଣ୍ଠ ଫେରିବାକୁ ଅନୁରୋଧ କରିଥିଲେ । ପୁରାଣ କଥା ବସ୍ତୁ ଅନୁସାରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ଆଘାତ ପ୍ରାପ୍ତ ହୋଇଥିଲେ । ଦ୍ରୌପଦୀ ନିଜ ପିନ୍ଧା ବସ୍ତ୍ରରୁ କିଛି ଅଂଶ ଛିଡାଇ କୃଷ୍ଣଙ୍କ ହାତରେ ପଟି ବାନ୍ଧି ଦେଇ ରକ୍ତସ୍ରାବ ବନ୍ଦ କରିଥିଲେ । ଦ୍ରୌପଦୀଙ୍କ ଏହି ଦାନ କୃଷ୍ଣ ପରିଶୋଧ କରିଥିଲେ କୁରସଭା ସ୍ଥଳରେ । ଦୁଃଶାସନ ବସ୍ତ୍ର ହରଣ କରିବା ବେଳେ କୃଷ୍ଣ କୋଟି ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ଇତିହାସରେ ମଧ୍ୟ ରାକ୍ଷୀକୁ ନେଇ ସୁନ୍ଦର ଉଦାହରଣ ଗୁଡିକ ରହିଛି । ମୋଗଲ ମାନଙ୍କ ଶାସନ ସମୟରେ ଅତ୍ୟାଚାର ରୁ ରକ୍ଷା ପାଇବା ପାଇଁ ହିନ୍ଦୁ ରମଣୀମାନେ ମୋଗଲ ଶାସକମାନଙ୍କୁ ରାକ୍ଷୀ ପଠାଇ ସେମାନଙ୍କ ସହ ଭାତୃଭାବ ପ୍ରତିଷ୍ଠା କରିଥିଲେ । ମଧ୍ୟଯୁଗରେ ବାହାଦୁର ଶାହ ଚିତ୍ତୋର ଉପରେ ଆକ୍ରମଣ ନିମନ୍ତେ ଅଗ୍ରସର ହେଲାବେଳେ ଚିତ୍ତୋର ରାଣୀ କର୍ଣ୍ଣାବତୀ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠାଇଥିଲେ । ଏତଦଦ୍ୱାରା ହୁମାୟୁନ ଭଉଣୀଙ୍କ ସୁରକ୍ଷା ନିମନ୍ତେ ନିଜ ସୈନ୍ୟ ଚିତ୍ତୋର ପଠାଇଥିଲେ । ମାନବ ଜାତିର ବିକାଶ ଓ ଶୃଙ୍ଖଳିତ ଜୀବନ ଯାପନ ପଛରେ ଯେଉଁ ମୂଳ ତତ୍ୱଟି ରହିଛି ତାହା ହେଉଛି ମାନବିକତା । ଅତୀତରେ ଲୋକମାନଙ୍କ ଭିତରେ ଛନ୍ଦ, କପଟ, ମିଥ୍ୟା ଏତେ ପରିମାଣ ରେ ନଥିଲା । ସେମାନଙ୍କ ଭିତରେ ସମ୍ପର୍କ ଥିଲା ଦୃଢ ଆଉ ମଧୁର । ସମ୍ପର୍କ କୁ ଗୁରୁତ୍ୱ ଦେଉଥିଲେ ସେମାନେ, ଅନ୍ୟର ସୁଖ ଦୁଃଖରେ ଭାଗ ନେଉଥିଲେ । ନିକଟ ସମ୍ପର୍କୀୟ ହୁଅନ୍ତୁ କିମ୍ବା ଦୂର ସମ୍ପର୍କୀୟ, ସମସ୍ତଙ୍କ ଅଭାବ ଅସୁବିଧାରେ ତାଙ୍କ ପାଖରେ ଛିଡା ହେଉଥିଲେ । ସମବେଦନା ଜଣାଉଥିଲେ ଆଉ ସାହାଯ୍ୟ ସହଯୋଗ ପାଇଁ ଆଗେଇ ଆସୁଥିଲେ । ସମୟ ସହିତ ତାଳ ଦେଇ ଯେତେବେଳେ ଆମେ ଅତ୍ୟାଧୁନିକ ଜୀବନଶୈଳୀ ଆଡକୁ ଗତି କରୁଛେ, ଆମ ଭିତରେ ମାନବିକତା କମି କମି ଯାଉଛି । ପ୍ରତିଦିନ କେଉଁଠି ନା କେଉଁଠି ଦେଖିବାକୁ କିମ୍ବା ଶୁଣିବାକୁ ମିଳେ ଅନେକ ହୃଦୟ ବିଦାରକ ଘଟଣା ସବୁ । ଦିନକୁ ଦିନ ମଣିଷ ନିଷ୍ଠୁର ସାଜୁଥିବା ବେଳେ, ମାନବିକତା ଓ ମଣିଷ ପଣିଆ କମି କମି ଯାଉଛି । ସ୍ୱାର୍ଥ ଆଉ ଲୋଭରେ ମଣିଷ ଏତେ ତଳକୁ ଖସିଯାଉଛି ଯେ, ସତେ ଯେମିତି ସମାଜର ସବୁ ବନ୍ଧନ ତା ପାଇଁ ତୁଚ୍ଛ ହେଉଛି । ନିଜର ଜନ୍ମଦାତାଙ୍କୁ ମଧ୍ୟ ସେ ପର କରି ଦେଉଛନ୍ତି । ଆଜିକାଲି ସମ୍ପର୍କ ର ମାନେ ବଦଳିଗଲାଣି । ସ୍ୱାର୍ଥ ସାଧନ ପାଇଁ ସମ୍ପର୍କ ଯୋଡା ଯାଉଥିବା ବେଳେ ଏହି ପର୍ବ ଆମକୁ ସଚେତନ କରାଉଛି ଯେ ଭାଇ ଭାବରେ ଭଉଣୀର ରକ୍ଷା, ପୁତ୍ର ଭାବରେ ପିତାମାତାଙ୍କ ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ପତ୍ନୀ ଭାବେ ପତିର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା କଲେ, ସମ୍ପର୍କ ଦୃଢ ହେବା ସହିତ ମାନବ ଜାତିର ବିକାଶ ହୋଇପାରିବ ଓ ଆମେ ଶୃଙ୍ଖଳିତ ଜୀବନଯାପନ କରିପାରିବା ।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡିଆ ଜାତି ଥିଲା କ୍ରାନ୍ତି ତ୍ରିଧାରାର ସର୍ଜନା କାରୀ


ଉମା ଶଙ୍କର ପ୍ରସାଦ

ସମୟର କରାଳ ଚକ୍ରରେ ଆମ ଓଡିଆ ଜାତି ଯେପରି ଲାଂଛିତ ହୋଇଥିଲା ତାର ପଟ୍ଟାନ୍ତର ନାହିଁ। ମାତ୍ର ଲଂଛିତ,ପରାଜିତ,ଶୋଷିତ ଏ ଓଡିଆ ଜାତି ସଂଗ୍ରାମର ଏକ ନୂଆ ଦିଗନ୍ତ ଉନ୍ମୋଚିତ କରିଥିଲା। ପୂର୍ବସୂରୀ ମାନଙ୍କର ଗୌରବମୟ ଗାଥା ଏବଂ ଷୋଡଶ ଶତାବ୍ଦୀର ପୂର୍ବାର୍ଦ୍ଧ ପର୍ଯ୍ୟନ୍ତ ଓଡିଆ ଜାତିର ଐତିହାସିକ ଲାଂଛନା , ଓଡିଆ ଜାତୀୟତାକୁ ପୁନର୍ଜୀବନ ପ୍ରଦାନ କରିଥିଲା। ସମଗ୍ର ଭାରତ ବର୍ଷରେ ଏକମାତ୍ର ଓଡିଆ ଜାତି ଯିଏ ପର୍ଯ୍ୟାୟ କ୍ରମେ ତିନୋଟି ଆନ୍ଦୋଳନର ସର୍ଜନା କରିଥିଲା। ଯାହାଥିଲା 'ଭାଷା ଆନ୍ଦୋଳନ', 'ଭୂମି ଆନ୍ଦୋଳନ', ଏବଂ 'ମୁକ୍ତି ଆନ୍ଦୋଳନ'। ଏହି ତିନୋଟି ଐତିହାସିକଆନ୍ଦୋଳନ ସର୍ଜନାର ସୁଯୋଗ ଭାରତର ଅନ୍ୟ କୌଣସି ଜାତି ପକ୍ଷରେ ଘଟି ନଥିଲା। ଅସାମାନ୍ୟ ବୀରତ୍ୱର ପ୍ରତୀକ ସମ୍ରାଟ କପିଳେନ୍ଦ୍ର ଦେବ ଆଗଙ୍ଗା ଗୋଦାବରୀ ବିସ୍ତୃତ ଯେଉଁ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ, ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ତାହାକୁ ଅକ୍ଷୁର୍ଣ୍ଣ ରଖିଥିଲେ ହେଁ ତାଙ୍କ ପୌତ୍ର ପ୍ରତାପ ଦେବଙ୍କ ସମୟରେ ସେହି ଅବଦମିତ ସାମ୍ରାଜ୍ୟର ସଂକୋଚନ ଆରମ୍ଭ ହୋଇଥିଲା ଏବଂ ଗୋହିରିଟିକିରିଠାରେ ମୁକୁନ୍ଦଦେବଙ୍କ ପରାଜୟରେ ସେହି ସାମ୍ରାଜ୍ୟର ପତନ ଘଟିଥିଲା ୧୫୬୮ ମସିହାରେ। ୧୫୬୮ ମସିହା ଠାରୁ ୧୮୬୮ ମସିହା ପର୍ଯ୍ୟନ୍ତ ତିନିଶହ ବର୍ଷର କାଳଖଣ୍ଡ ଥିଲା ଓଡିଶା ଇତିହାସରେ ପରାଜୟ, ଲାଂଛନା, ବିପର୍ଯ୍ୟୟ ଓ ଅରାଜକତାର ଦୁଃସମୟ । ଏହି ସମୟ ମଧ୍ୟରେ ଆଫଗାନ, ମୋଗଲ, ମରହଟ୍ଟା ଏବଂ ପରିଶେଷରେ ୧୮୦୩ ମସିହାରେ ଇଂରେଜ ଶାସନ କବଳିତ ହୋଇଥିଲା ଓଡିଶା ମୁଲକ। ଓଡିଶାର ବହୁ ଅଞ୍ଚଳ ବଙ୍ଗ ମହାପ୍ରଦେଶ, ମାନ୍ଦ୍ରାଜ ମହାପ୍ରଦେଶ ଓ କେନ୍ଦ୍ରୀୟ ପ୍ରଦେଶ ଅଧିନରେ ରହିଥିଲା। ଓଡିଶା ବୋଲି ଅଞ୍ଚଳଟି କଟକ, ପୁରୀ ଓ ବାଲେଶ୍ୱର ମଧ୍ୟରେ ସମୀତ ରହିଥିଲା। ଏହି ଅଞ୍ଚଳକୁ ମୋଗଲ ବନ୍ଦୀ କୁହାଯାଉଥିଲା। ମାତ୍ର ତାହା ପ୍ରକୃତରେ ଥିଲା ବଙ୍ଗାଳୀ ବନ୍ଦୀ।("Up to this time the so called Moghal Bandi had for all practical purposes been the Bengali Bandi"- Dr J. V Boulton) ୧୮୬୮ ମସିହାରେ ବଙ୍ଗାଳୀ ମାନଙ୍କର ଓଡିଆଭାଷାର ବିଲୋପ ସାଧନ ପାଇଁ ଚକ୍ରାନ୍ତ ପଦାରେ ପଡିଥିଲା। ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏକ ପୁସ୍ତିକା ରଚନାକରି ସମଗ୍ର ଓଡିଆ ଜାତିକୁ ଚକିତ କରିଥିଲେ। ବାପାର ମାଟି ଉପରେ ଠିଆ ହୋଇ ମାର ଭାଷା କହିବାକୁ ମନା ହୋଇଥିଲା ଓଡିଆ ଜାତିକୁ। ଏପରି ବିପର୍ଯ୍ୟୟ ବିଶ୍ୱର ଅନ୍ୟ କୌଣସି ଜାତିକୁ ହୁଏତ ପଡିନଥିବ। ଓଡିଶାର ଦୁର୍ଦ୍ଦଶା ୧୮୬୮ ମସିହାରେ ଶୀର୍ଷରେ ପହଂଚିଥିଲା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଓଡିଶାର ଆର୍ଥିକ ମାନଦଣ୍ଡକୁ ଚୂରମାର କରିଦେଇଥିଲା। ସେହି ସମୟରେ ଭାଷା ସୁରକ୍ଷା ଆନ୍ଦୋଳନ ନବ ଜାଗରଣକୁ ସୁଦୁର ପ୍ରସାରୀ କରିଥିଲା ସେତେବେଳର କେତେକ ଛାପାଖାନା ପ୍ରତିଷ୍ଠା ଓ ପତ୍ର, ପତ୍ରିକା ପ୍ରକାଶନ। ତେବେ ନଅଙ୍କ ଦୁର୍ଭିକ୍ଷ,ଛାପାଖାନା ପ୍ରତିଷ୍ଠା, ଓ ଭାଷା ଆନ୍ଦୋଳନ ପରସ୍ପର ପରିପୂରକ। ନଅଙ୍କ ଦୁର୍ଭିକ୍ଷ ପରେ ରେଭେନ୍ସା ସାହେବ ଓଡିଶାରେ କେନାଲ ଖନନ ଆଦି କାର୍ଯ୍ୟସହ ଓଡିଆ ପାଠ୍ୟପୁସ୍ତକ ପାଇଁ ପୁରସ୍କାର ଘୋଷଣା କରିଥିଲେ ଯାହା ଓଡିଶା ନିବାସୀ ବଙ୍ଗାଳୀ ମାନଙ୍କୁ ବଡ ବାଧିଥିଲା। ରାଜେନ୍ଦ୍ରଲାଲ ମିତ୍ର କଟକ ସିନେଟିଂ ସୋଶାଇଟି ସଭାରେ ଓଡିଆଭାଷା ଓଡିଶାର ପ୍ରଗତି ପଥରେ ପ୍ରତିବନ୍ଧକ ବୋଲି କହିଥିଲେ। କିନ୍ତୁ ଗୌରୀଶଙ୍କର ରାୟ ଏହାର ଘୋର ବିରୋଧ କରିଥିଲେ କାରଣ ସେ ଖୋଦ ଥିଲେ ଜଣେ ଛାପାଖାନାର ମାଲିକ। ଓଡିଆଭାଷା ବିଲୋପ ହେଲେ କୋର୍ଟ କଚେରିରେ କାମ କରୁଥିବା ଓଡିଆ ଲୋକ ବେକାର ହୋଇଯିବେ ବୋଲି ଯୁକ୍ତି ବାଢିଥିଲେ ଫକୀରମୋହନ ସେନାପତି। ଭାରତ ବର୍ଷର ଅନ୍ୟାନ୍ୟ ପ୍ରାନ୍ତରେ ଯେଉଁ ଜାତୀୟତାବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାର ପରୋଭାଗରେ ଥିଲେ ରାଜନୈତିକ ନେତା ଓ ସମାଜ ସଂସ୍କାରକ ଗଣ। ମାତ୍ର ଓଡିଶାରେ ଜାତୀୟତାବାଦୀ ଆନ୍ଦୋଳନ ବୀଜରୋପଣ କରିଥିଲା ଭାଷା ଆନ୍ଦୋଳନ। ତେଣୁ ଓଡିଆ ଭାଷା ଓ ସାହିତ୍ୟର ବିକାଶ ଓ ଲୋକପ୍ରିୟତା ଉପରେ ଓଡିଆ ଜାତୀୟତାବାଦୀ ଆନ୍ଦୋଳନ ନିର୍ଭର କରିଥିଲା। ଓଡିଆ ଭାଷାସାହିତ୍ୟ ଗୋଟିଏ ଜାତିର ଜାତୀୟତାବାଦୀ ଆନ୍ଦୋଳନର ଆଦ୍ୟ ଝଙ୍କାର ହେବାସହ ଏହି ନବକ୍ରାନ୍ତିର ଅଗ୍ରଦୁତ ଥିଲା ଓଡିଶା। କେବଳ ଭାଷାନୁହେଁ , ମା ମାଟିପାଇଁ ମଧ୍ୟ ସଂଗ୍ରାମ କରିବାକୁ ପଡିଥିଲା ଓଡିଆ ଜାତିକୁ। ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ଥିଲା ଏହିଆନ୍ଦୋଳନର ଲକ୍ଷ। ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ହେଲେ ମୁଦ୍ରଣଶିଳ୍ପ ଲାଭଦାୟକ ହେବ ବୋଲି 'ଉତ୍କଳ ଦୀପିକାରେ' ଉଲ୍ଲେଖ କରିଥିଲେ ଗୌରୀଶଙ୍କର ରାୟ। ୧୮୬୮ ମସିହାରେ ପ୍ରଥମ ତଦାନନ୍ତୀନ ଭାରତ ସରକାରଙ୍କ ସେକ୍ରେଟାରୀ ଅଫ୍ ଷ୍ଟେଟଷ୍ଟଫର୍ଡ ନର୍ଥକୋଟ୍ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରିକରଣ ପାଇଁ ମତ ଦେଇଥିଲେ। ୧୮୭୧ ମସିହାରେ ଗଂଜାମ ଉତ୍କଳ ସଭା ଏହାକୁ ବ୍ୟାପକ କରିଥିଲା। ୧୮୮୫ ମସିହାରେ ଓଡିଶା ଡିଭିଜନର କମିଶନର ହେନେରୀ ସିକେଟ୍ସ ସାଂସ୍କୃତିକ ଐକ୍ୟହେତୁ ଓଡିଶା ଡିଭିଜନରେ ସମ୍ବଲପୁର ମିଶ୍ରଣପାଇଁ ମତ ଦେଇଥିଲେ। ସେହିପରି ୧୮୯୪ ମସିହାରେ କମିଶନର ଏଚ.ଜି.କୁକେ ତାଙ୍କ ଅଧିନରେ ଥିବା ସମସ୍ତ ଓଡିଆ ଅଂଚଳର ଏକତ୍ରିକରଣ ପାଇଁ ମତ ଦେଇଥିଲେ। ୧୯୦୨ ମସିହାରେ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ମାନ୍ଦ୍ରାଜ, ବଂଗ, ଓ କେନ୍ଦ୍ରିୟ ପ୍ରଦେଶ ଅଧୀନରେ ଥିବା ସମସ୍ତ ଓଡିଆ ଭାଷା ଭାଷୀ ଅଂଚଳର ଏକତ୍ରିକରଣ ପାଇଁ ଲକ୍ଷେ ଲୋକଙ୍କର ଦସ୍ତଖତ ସମ୍ବଳିତ ଏକ ସ୍ମାରକ ପତ୍ର ଭାରତର ତଦାନନ୍ତୀନ ବଡଲାଟ ଲର୍ଡ କର୍ଜନଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ଏହି ସ୍ମାରକପତ୍ର ପ୍ରଦାନ ଆଦି ମଧ୍ୟରେ ସୀମିତ ରହିଥିଲା ଭାଷା ଭାଷୀ ଅଂଚଳର ଏକତ୍ରିକରଣ। ସ୍ୱତନ୍ତ୍ର ଓଡିଶା ଗଠନ ସେ ପର୍ଯ୍ୟନ୍ତ ରାଜନୈତିକ ଆନ୍ଦୋଳନର ରୂପ ନେଇ ନଥିଲା। ୧୯୦୩ ମସିହା ଥିଲା ଓଡିଶା ଇତିହାସର ଏକ ସ୍ମରଣୀୟ ବର୍ଷ, କାରଣ ଏହି ବର୍ଷ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କଟକର ଇଦ୍‌ଗା ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ୧୯୮୫ ମସିହାରେ ଜାତୀୟ କଂଗ୍ରେସ ଗଠନ ହେବାଠାରୁ ଉତ୍କଳ ଗୌରବ ମଧୁସୂଦନ ଦାସ ସେଥିସହ ସମ୍ପୃକ୍ତ ଥିଲେ। ଜାତୀୟ କଂଗେସ୍ର ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ କରିବାର ଦାୟିତ୍ୱ ବହନ କରୁବୋଲି ମଧୁବାବୁ ସୁରେନ୍ଦ୍ରବାବୁଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପ୍ରାଦେଶିକ ପ୍ରସଙ୍ଗକୁ କଂଗ୍ରେସରେ ଉତ୍‌ଥାପିତ କରିବାକୁ ଚାହିଁ ନଥିଲେ ସୁରେନ୍ଦ୍ରବାବୁ। ତେଣୁ ମଧୁବାବୁ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରି ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାରେ ବ୍ରତୀ ହୋଇଥିଲେ। ୧୯୦୩ ମସିହା ଅକ୍ଟୋବର ମାସ ୨୫ ତାରିଖରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପୌରହିତ କରିଥିଲେ। ସମ୍ମିଳନୀର ସଂପାଦକ ମଧୁସୂଦନ ସେହି ସମ୍ମିଳନୀ ମଂଚରୁ ଆବେଗଭରା କଣ୍ଠରେ ଗାଇ ଉଠିଥିଲେ " ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡି ସିନ୍ଧୁ ନୀରେ"। ଏହି ଅଧିବେଶନରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ତତ୍କାଳୀନ ଭାଇସରାୟ ଲର୍ଡ କର୍ଜନଙ୍କ ନିକଟରେ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରିକରଣ ନିମନ୍ତେ ଦାବୀ ଉପସ୍ଥାପନ କରାଯାଇଥିଲା। ଏହାପରେ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖରେ ଭାରତ ସରକାର ଏକ ବିଜ୍ଞପ୍ତି ମାଧ୍ୟମରେ କେନ୍ଦ୍ରୀୟ ପ୍ରଦେଶର କେତେକ ଓଡିଆ ଭାଷାଭାଷୀ ଅଞ୍ଚଳକୁ ବଙ୍ଗ ମହାପ୍ରଦେଶକୁ ସ୍ଥାନାନ୍ତର କରିଥିଲେ ଏବଂ ସମ୍ବଲପୁର ଜିଲ୍ଲାକୁ ଓଡିଶା ଡିଭିଜନ ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଉତ୍କଳ ସମ୍ମିଳନୀର ଅଧିବେଶନ ଓଡିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଓଡିଶାର ଜାତୀୟ ଜୀବନକୁ ଉଦ୍‌ବୁଦ୍ଧ କରିଥିଲା। ୧୯୧୪ ରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନୁରୋଧ କ୍ରମେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଜୟପୁର ରାଜା ବିକ୍ରମଦେବ ବର୍ମାଙ୍କ ପୋରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସବୁ ଓଡିଆ ଭାଷା ଭାଷୀ ଅଂଚଳକୁ ଗୋଟିଏ ଶାସନରେ ରଖି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପ୍ରସ୍ତାବ ସେଠାରେ ଗୃହିତ ହୋଇଥିଲା। ମଧୁସୂଦନଙ୍କ ଉଦ୍ୟମରେ ୧୯୨୦ ମସିହା ଫେବୃୟାରୀ ୨୦ ତାରିଖରେ ସଚ୍ଚିଦାନନ୍ଦ ସିହ୍ନା ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ନିମନ୍ତେ ନୀତି ନିର୍ଦ୍ଧାରଣ କରିବା ପାଇଁ ଇମ୍ପେରିଆଲ ଲେଜିସଲେଟିଭ କାଉନସିଲରେ ଏକ କମିଟି ଗଠନର ପ୍ରସ୍ତାବ ଆଗତ କରିଥିଲେ। ୧୯୨୪ ମସିହାରେ ଏଥିପାଇଁ ଫିଲପ୍-ଡଫ କମିଟି ଗଠିତ ହୋଇ ଏହି କମିଟି ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ନିମନ୍ତେ ଅନୁକୂଳ ମତ ଦେଇଥିଲା। ସାଇମନ୍ କମଶନକୁ ସମଗ୍ର ଭାରତ ବର୍ଷ ବର୍ଜନ କରୁଥିଲା ବେଳେ ଉତ୍କଳ ସମ୍ମିଳନୀ ପାଟଣାଠାରେ ଏହି କମିଶନକୁ ସ୍ୱାଗତ କରିଥିଲା ଏବଂ କୃଷ୍ଣଚନ୍ଦ୍ର ଗଜପତି ମାନ୍ଦ୍ରାଜଠାରେ କମିଶନଙ୍କ ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ସଂପର୍କରେ ଆଲୋଚନା କରିଥିଲେ। ପୁନଶ୍ଚ ପ୍ରଥମ ଗୋଲଟେବୁଲ ବୈଠକକୁ କଂଗ୍ରେସ ବର୍ଜନ କରିଥିଲେ ମଧ୍ୟ ବିହାର ଓଡିଶା ସରକାରଙ୍କ ମନୋନୟନ କ୍ରମେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେହି ବୈଠକରେ ଯୋଗଦାନ କରିଥିଲେ। ୧୯୩୧ ମସିହା ମାର୍ଚ୍ଚମାସ ୧୭ ତାରିଖରେ ମହାରାଜା ତାଙ୍କ ଐତିହାସିକ ଭାଷଣ ମାଧ୍ୟମରେ ଓଡିଶାର ଦାବିକୁ ଯଥାଯଥ ଭାବରେ ଉପସ୍ଥାପନ କରିଥିଲେ। ତା'ପରେ ଯାଇ ସୀମା ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା ଯାହା 'ଓଡନେଲ' କମିଟି ଭାବରେ ପରିଚିତ। ୧୯୩୩ ମସିହା ମାର୍ଚ୍ଚମାସ ୧୭ ତାରିଖରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ସଂପର୍କରେ ଶ୍ୱେତପତ୍ର ପ୍ରକାଶ ପାଇଥିଲା। ଓଡିଆମାନଙ୍କ ପରି ତେଲୁଗୁମାନେ ମାନ୍ଦ୍ରାଜ ମହାପ୍ରଦେଶରେ ଓ ଗୁଜୁରାଟିମାନେ ବମ୍ବେ ମହାପ୍ରଦେଶରେ ଭାଷା ଓ ଭୂମି ସଙ୍କଟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଓଡିଶା ପରି ସ୍ୱାଧୀନତା ପୂର୍ବରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ସକ୍ଷମ ହୋଇନଥିଲେ। ଭାଷା ଭିତିକ ରାଜ୍ୟ ଗଠନ କରିବା ଦିଗରେ ଓଡିଆ ଜାତି ହିଁ ଭାରତ ବର୍ଷର ଅନ୍ୟଜାତି ମାନଙ୍କର ପଥ ପ୍ରଦର୍ଶକ ହୋଇ ପାରିଥିଲା ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ। ଓଡିଆ ଜାତି କାଳେ କାଳେ ଉଦାର। ନିଜ ଭାଷା ଓ ଭୂମିର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିଲେ ମଧ୍ୟ ଏହା ମହା ଜାତୀୟତା ସ୍ରୋତରୁ ବିଛିନ୍ନ ହୋଇନଥିଲା। ମୁକ୍ତି ସଂଗ୍ରାମର ଏକ ପ୍ରମୁଖ ଭୂମି ଥିଲା ଓଡିଶା। ୧୮୮୫ ମସିହାରେ ବମ୍ବେଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ଓଡିଶରୁ ବ୍ରହ୍ମପୁର ସହରର ଆଇନଜୀବୀ ବିଶ୍ୱେଶର ଆୟାର ଯୋଗଦାନ କରିଥିଲେ। ତତ୍ପରେ ୧୭୮୬ ମସିହା ମାର୍ଚ୍ଚମାସ ୩ ତାରିଖରେ କଟକ ପ୍ରିଂଟିପ୍ରେସ କୋଠାରେ ଅନୁଷ୍ଠିତ କଂଗ୍ରେସ ସଭାରେ ମଧୁସୂଦନ ଦାସ ଅଧ୍ୟକ୍ଷତା କରିଥିଲେ ଯାହା ଥିଲା ଓଡିଶାରେ ଜାତୀୟ କଂଗ୍ରେସର ପ୍ରଥମ ସଭା। ଓଡିଶାରେ ଭାଷା ଆନ୍ଦୋଳନର ପୁରୋଧା କଥା ସମ୍ରାଟ ଫକୀରମୋହନ ସେନାପତି ମଧ୍ୟ ୧୮୯୮ ମସିହା ମାନ୍ଦ୍ରାଜ ଅଧିବେଶନରେ ଅଂଶ ଗ୍ରହଣ କରିଥିଲେ। ଓଡିଶା ରାଜନୀତିରେ ଗୋପବନ୍ଧୁ ଦାସଙ୍କ ଆବିର୍ଭାବ ଓଡିଶାରେ ଜାତୀୟ କଂଗ୍ରେସ ଆନ୍ଦୋଳନକୁ ତୀବ୍ର ଏବଂ ବ୍ୟାପକ କରିଥିଲା। ୧୯୨୦ ମସିହାରେ ଗୋପବନ୍ଧୁ ଓ ମଧୁସୂଦନ ଙ୍କ ଭିତରେ ସାମାନ୍ୟ ମତ୍ତଭେଦ ଯୋଗୁ ଓଡିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ବୟସ୍କ ମାନଙ୍କ ହାତରୁ ଯାଇ ଜାତୀୟତାବାଦୀ ଯୁବନତୋଙ୍କ ଠାରେ ପହଞ୍ଚିଥିଲା। ୧୯୨୧ ମସିହା ଜାନୁୟାରୀ ମାସ ୨୪ ତାରିଖରେ କଟକ କାଠେଯାଡି ନଦୀକୂଳରେ ଏକ ସାଧାରଣ ସଭାରେ ଗୋପବନ୍ଧୁ ଦାସ ଅସହେଯାଗ ଆନ୍ଦୋଳନର କାର୍ଯ୍ୟକ୍ରମ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ। ସେହି ବର୍ଷ ମାର୍ଚ୍ଚ ମାସରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠନ କରାଯାଇଥିଲା ଏବଂ ତହାର ସଭାପତି ଭାବେ ଗୋପବନ୍ଧୁ ଦାସ ମନୋନୀତ ହୋଇଥିଲେ। ତାଙ୍କ ଅନୁରୋଧ କ୍ରମେ ମହାତ୍ମାଗାନ୍ଧୀ ପ୍ରଥମ ଥର ପାଇଁ ୧୯୨୧ ମସିହା ମାର୍ଚ୍ଚମାସ ୨୩ ତାରିଖରେ ଓଡିଶା ଆସିଥିଲେ। ଗାନ୍ଧୀଙ୍କ ଆଗମନ ପରଠାରୁ ଓଡିଶାରେ କଂଗ୍ରେସ ଆନ୍ଦୋଳନ ଗାଁ ଗଣ୍ଡାକୁ ବ୍ୟାପୀବା ସହ ତୀବ୍ରତର ହୋଇଥିଲା। ୧୯୨୫ ମସିହାରେ ମଧୁବାବୁଙ୍କ ନିମନ୍ତ୍ରଣ ରକ୍ଷାକରି ଗାନ୍ଧୀଜୀ ଦ୍ୱିତୀୟ ଥର ଓଡିଶା ଆସିବା ସହ କଟକରେ ତାଙ୍କ ଅତିଥି ହୋଇଥିଲେ। ପୁନଶ୍ଚ ୧୯୨୭ ମସିହାରେ ତୃତୀୟ ଥର ପାଇଁ ଗାନ୍ଧୀଜୀ ଓଡିଶା ଆସିଥିଲେ। ତାଙ୍କ ପ୍ରରୋଚନାରେ ଲବଣ ସତ୍ୟାଗ୍ରହ କାର୍ଯକ୍ରମ ଓଡିଶାରେ ବେଶ ସଫଳ ହୋଇଥିଲା। ୧୯୩୦ ମସିହା ଫେବୃଆରୀ ମାସ ୨୮ ତାରିଖରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ମାନେ କେତୋଟି ନିର୍ଦ୍ଦିଷ୍ଟ ଅଂଚଳରେ ସତ୍ୟାଗ୍ରହ କରିଥିଲେ। ଡଃ ହରେକୃଷ୍ଣ ମହତାବ ପ୍ରଦେଶ କଂଗ୍ରେସ କମିଟିର ସବାପତି ଥିଲେ। ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡି, କାମକୁଣ୍ଡା, ସାର୍ଥା, ଭଦ୍ରକ ଜିଲ୍ଲାର ଇରମ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ଏବଂ ଗଞ୍ଜାମ ଜିଲ୍ଲାର ଅନେକ ସ୍ଥାନରେ ଲବଣ ସତ୍ୟାଗ୍ରହ କରା ଯାଇଥିଲା। ସର୍ବ ଭାରତୀୟ ସ୍ତରରେ ଲବଣ ସତ୍ୟାଗ୍ରହ କ୍ଷେତ୍ରରେ ଓଡିଶାର ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ଏହି ଲବଣ ସତ୍ୟାଗ୍ରହ ପରି ଭାରତ ଛାଡ ଆନ୍ଦୋଳନ ଓଡିଶାରେ ତୀବ୍ର ରୂପ ନେଇଥିଲା। ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଠାରେ ଉତ୍ୟକ୍ତ ଜନତା ୧୯୪୨ ମସିହା ଅଗଷ୍ଟ ମାସ ୧୭ ତାରିଖ ଦିନ ଥାନା ପୋଡି ଦେଇଥିଲେ। ସେହିବର୍ଷ ସେପ୍ଟମ୍ବର ୨୨ ତାରିଖରେ ଲୁଣିଆ ଠାରେ ୯ ଜଣ ସତ୍ୟାଗ୍ରହୀ ପୋଲିସ ଗୁଳିରେ ସହିଦ ହୋଇଥିଲେ। ସେପ୍ଟେମ୍ବର ୨୮ ତାରିଖରେ ତୁଡିଗଡିଆଠାରେ ପୋଲିସ ଗୁଳିରେ ୩ ଜଣ ସତ୍ୟାଗ୍ରହୀ ମୃତ୍ୟୁ ବରଣ କରିଥିଲେ। ସେହିଦିନ ଓଡିଶାର ଜାଲିଆନାୱାଲା ବାଗ ଇରମ ଠାରେ ୨୮ ଜନ ସତ୍ୟାଗ୍ରହୀ ବୀରଗତି ପ୍ରାପ୍ତ ହୋଇଥିଲେ ଏବଂ ୫୬ ଜଣ ଆହତ ହୋଇଥିଲେ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ପାପଡାହାଣ୍ଡିଠାରେ ଅଗଷ୍ଟ ୨୧ ଓ ୨୪ ତାରିଖରେ ଯଥାକ୍ରମେ ୪ ଜଣ ଓ୧୯ ଜଣ ସତ୍ୟାଗ୍ରହୀ ସହିଦ ହୋଇତ୍ଲେ। ମହାନ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଫାଶି ଖୁଂଟରେ ଝୁଲିଥିଲେ। ଓଡିଶାରେ ଗଡଜାତ ଗୁଡିକରେ ଭାରତ ଛାଡ ଆନ୍ଦୋଳନ ମଧ୍ୟ ତୀବ୍ର ହୋଇଥିଲା। ମୋଟଉପରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇନଥିବା ସତ୍ତ୍ୱେ ସର୍ବଭାରତୀୟ ଆନ୍ଦୋଳନର ପ୍ରତି ପର୍ଯ୍ୟାୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲା। ଭାଷା ଆନ୍ଦୋଳନର ସେନାପତି ଫକୀର ମୋହନ ,ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁବାବୁ, ଜାତୀୟ ଆନ୍ଦୋଳନର ଭଗୀରଥ ଗୋପବନ୍ଧୁ ଓଡିଶାର କ୍ରାନ୍ତି ତ୍ରିଧାରାର ଅଗ୍ରଦୂତ ଥିଲେ। ୧୮୬୮ ମସିହାଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଓଡିଆ ଜାତି ଯେପରି ତିନୋଟି କ୍ରାନ୍ତି ସର୍ଜନା କରିଥିଲା ତାହା ଓଡିଶା ତଥା ଭାରତ ଇତିହାସରେ ବିରଳ।

ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

# ଆଧୁନିକ ସାହିତ୍ୟର ପିତାମହ ଭୀଷ୍ମ : ମନୋଜ ଦାସ


ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା। ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ସ୍ଟିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫




# ଶ୍ରମିକଙ୍କ ପାଇଁ ଆଦାୟ ହୋଇଥିବା ସେସ୍ ଟଙ୍କାର ହିସାବ ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର: ଭାରତ ବର୍ଷରେ ଅଣସଂଗଠିତ ଶ୍ରମିକମାନଙ୍କର ଶ୍ରମ ଶକ୍ତିର ଯଦି ହିସାବ କରାଯାଏ ତାହା ୯୩ ପ୍ରତିଶତ ହେବ। ଦେଶର ଅଭିବୃଦ୍ଧି କ୍ଷେତ୍ରରେ (ଜି.ଡି.ପି) କୁ ଏହି ଅଣସଂଗଠିତ କ୍ଷେତ୍ରର ଅବଦାନ ଶତକଡ଼ା ୫୦ ଭାଗ। କିନ୍ତୁ ଏହି ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳେନାହିଁ। ଶ୍ରମ ସ୍ଥଳରେ ଶ୍ରମଦାନ ପାଇଁ ଅନୁକୂଳ ପରିବେଶ ନଥାଏ, ଦୁର୍ଘଟଣାଗ୍ରସ୍ତ ହେଲେ ଏମାନେ ଘରେ ବସି ରହନ୍ତି - ଏମାନଙ୍କୁ ମଜୁରୀ ମିଳେ ନାହିଁ, ଶ୍ରମିକ ସଂଘ ବିଷୟରେ ଏମାନଙ୍କର ଧାରଣା ନଥାଏ। ସରକାରୀ ନିର୍ଦ୍ଧାରିତ ୮ ଘଂଟାରୁ ଏମାନେ ଅଧିକ ସମୟ କାର୍ଯ୍ୟ କରିଥାନ୍ତି। କୌଣସି ରୋଗରେ ପୀଡ଼ିତ ହେଲେ ଏମାନଙ୍କ ପ୍ରତି କାହାରି ଦରଦ ନଥାଏ। ଏହା ସହିତ ଶ୍ରମ ପାଇଁ ଏମାନେ ମୁଲଚାଲ କରିପାରନ୍ତି ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ରାଜ୍ୟ ସେବାଦଳ ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି ଉପାସରକାର ୨୦୦୮ ମସିହାରେ ଅନଅର୍ଗାନାଇଜଡ୍ ୱାର୍କରସ୍ ସୋସିଆଲ ସିକ୍ୟୁରିଟି ଆକ୍ଟ ନାମରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ତିନିବର୍ଷ ଲାଗିଗଲା। ଫଳତଃ ରାଜ୍ୟ ସରକାର ଏହି ବର୍ଗର ଶ୍ରମିକମାନଙ୍କୁ ଜୋତା, ଛତା ଓ ସାଇକେଲ ଦେଇ ଭୋଟ ବ୍ୟାଙ୍କ କରିବାରେ ଲାଗିପଡ଼ିଛନ୍ତି। ଗତ କରୋନା ସମୟରେ ଭାରତବର୍ଷରେ ଏହି ବର୍ଗର ଶ୍ରମିକମାନେ ବିଶେଷ ଭାବେର ଦରିଦ୍ରତା ଭିତରକୁ ଠେଲି ହୋଇଯାଇଛନ୍ତି। ସେଥିପାଇଁ କଂଗ୍ରେସ ଦଳ ପ୍ରତ୍ୟେକ ଶ୍ରମିକ ପରିବାରକୁ ୬୫୦୦ଟଙ୍କା ଦେବାପାଇଁ ଦାବି କରିଥିଲା। କିନ୍ତୁ ରାଜ୍ୟ ସରକାର ୧୫୦୦ ଟଙ୍କା ଦେଇ ବାହାବା ନେବାପାଇଁ ଚେଷ୍ଟା କରିଛନ୍ତି।କିନ୍ତୁ ରାଜ୍ୟ ସରକାର ଯେଉଁ ୧୫୦୦ ଟଙ୍କା ଦେଉଛନ୍ତି ତାହା ତାଙ୍କ ନିଜସ୍ୱ ପାଣ୍ଠିରୁ ନୁହେଁ। ଏହି ଟଙ୍କା ସେସ୍‌ରେ ସଂଗୃହୀତ ଅର୍ଥ। ଗତ ୧୦ ବର୍ଷରେ ରାଜ୍ୟ ସରକାର ଏହି ସେସ ଟଙ୍କାକୁ ସାଇକେଲ କିଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ବ୍ୟୟ କରିଛନ୍ତି। ଯାହାର ହିସାବ ରାଜ୍ୟ ସରକାର ଶ୍ୱେତପତ୍ର ଆକାରରେ ରାଜ୍ୟବାସୀଙ୍କୁ ଜଣାଇବାକୁ କଂଗ୍ରେସ ଦଳ ଦାବି କରିଛି। ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ରାଜ୍ୟରେ ତଥା କେନ୍ଦ୍ରରେ ଯେଉଁ ସର୍ବନିମ୍ନ ମଜୁରୀ ବ୍ୟବସ୍ଥା କରାଯାଇଛି ଏହାର ଏକ ସମୀକରଣ ହେବାର ଆବଶ୍ୟକତା ରହିଛି। ରେଳବାଇରେ ଗୋଡି ବାଡଉଥିବା ଶ୍ରମିକଟିଏ ଯେଉଁ ପାରିଶ୍ରମିକ ପାଉଛି, ରାଜ୍ୟରେ ସେହି କାର୍ଯ୍ୟକୁ କରୁଥିବା ଶ୍ରମିକଟିଏ ତାହା ପାଉନାହିଁ। ସେହିଭଳି ମନରେଗାରେ ଯେଉଁ କାର୍ଯ୍ୟ କରୁଛି ତାହାର ମୂଲ୍ୟ ମଧ ଅଲଗା। ତେଣୁ କଂଗ୍ରେସ ଦଳ ଏକ ସର୍ବନିମ୍ନ ମଜୁରୀର ଧାର୍ଯ୍ୟ କରିବାପାଇଁ ସରକାରଙ୍କ ଠାରେ ଦୃଢ଼ ଦାବି କରିବା ସହିତ ଗତ ୧୦ ବର୍ଷରେ ସେସ୍ ଟଙ୍କା ଖର୍ଚ୍ଚର ଏ.ଜି ଅଡିଟ୍ କରିବାପାଇଁ ଦୃଢ଼ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ଅଧକ୍ଷ ବିଦ୍ୟାଧର ମହାନ୍ତି, ମୁଖପାତ୍ର ମନୋରଞ୍ଜନ ଦାଶ, ଗଣମାଧମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ଅନଶନରତ ଶ୍ରୀକାନ୍ତଙ୍କୁ ଭେଟିଲେ ଦୁଇ ଅତିରିକ୍ତ ଜିଲ୍ଲାପାଳ



କେନ୍ଦ୍ରାପଡ଼ା : ରାଜକନିକାର ଖରସ୍ରୋତା ନଦୀରେ ହେଉଥିବା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରି ଗରାପୁର ଡାକବଙ୍ଗଳାଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନସନ କରି ଅସୁସ୍ଥ ହୋଇଥିବା ଶ୍ରୀକାନ୍ତ ନାୟକଙ୍କୁ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ଦୁଇ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ(ପ୍ରଶାସନ) ଓ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା (ରାଜସ୍ୱ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କ ସ୍ୱାସ୍ଥାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେପରି ଶ୍ରୀକାନ୍ତଙ୍କ ଚିକିତ୍ସାରେ କୌଣସି ଅବହେଳା ନହୁଏ। ପ୍ରତିଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଶ୍ରୀକାନ୍ତଙ୍କ ସ୍ୱାସ୍ଥାବସ୍ଥା ବୁଝୁଛନ୍ତି। ଏଥିସହ ଜିଲ୍ଲାପାଳଙ୍କୁ ଶ୍ରୀକାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ରିପୋର୍ଟ ଦେଉଛନ୍ତି। ଶ୍ରୀକାନ୍ତଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଶ୍ରୀକାନ୍ତଙ୍କ ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରିବାରେ ସେ କହିଥିଲେ ଯେ ଖରସ୍ରୋତା ନଦୀରେ ବୃହତ ପାନୀୟ ଜଳ ପ୍ରକଳ୍ପ ହେବା ନେଇ ୨୦୨୦ମସିହା ଡିସେମ୍ବର ୧୫ ତାରିଖରେ ଏକ ଉଚ୍ଚ ସ୍ତରୀୟ ବୈଠକ ବସିଥିଲା। ପ୍ରକଳ୍ପ ହେଲେ ପରିବେଶ ଉପରେ ଓ ଜନସମାଜ ଉପରେ କ'ଣ ପ୍ରଭାବ ପଡିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଇଆଇଟି ହାଇଦ୍ରାବାଦର ବିଶେଷଜ୍ଞ, ଗ୍ରାମୀଣ ପାନୀୟ ଜଳ ବିଭାଗ, ବୈଜ୍ଞାନିକ କମିଟି, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ସହ ଆଲୋଚନା କରି ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଭଦ୍ରକ ଜିଲ୍ଲାକୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଉଚ୍ଚସ୍ତରୀୟ କମିଟି ଏଠାରେ ପ୍ରକଳ୍ପ ହେବା ପାଇଁ ସବୁଜ ସଙ୍କେତ ଦେଇଥିଲେ। ଏହାପରେ ଜାତୀୟ ଗ୍ରୀନ ଟ୍ରିବୁନାଲରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ସେହି ମାମଲାକୁ ଟ୍ରିବୁନାଲ ଖାରଜ କରି ଦେଇଥିଲେ। ପ୍ରକଳ୍ପ ହେଲେ ଭିତରକନିକାର ଜୈବ ବିବିଦ୍ଧତା ଉପରେ ପ୍ରଭାବ ପଡିବ ବୋଲି ଯେଉଁ ଅଭିଯୋଗ କରାଯାଇଥିଲା ତାହା ଖାରଜ ହୋଇ ଯାଇଥିଲା। କାରଣ ପ୍ରକଳ୍ପ ଯେଉଁ ସ୍ଥାନରେ ହେବ ତାହା ଭିତରକନିକା ଅଭୟାରଣ୍ୟ ଠାରୁ ଦୂରରେ ରହିବ। ତେଣୁ ଟ୍ରିବୁନାଲରେ ଅଭିଯୋଗ ଖାରଜ ହୋଇଯାଇଥିଲା। ଏହାପରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ଏବେ ବରୁଣାଡିହରେ ପ୍ରକଳ୍ପ ପାଇଁ ଏକ କୂପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ବିରୋଧ କରି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସମ୍ଭାବନା"ର କର୍ମକର୍ତ୍ତା ଶ୍ରୀକାନ୍ତ ନାୟକ ଅନଶନରେ ବସିଥିଲେ। ଅନଶନରେ ବସିବା ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଭାବ ପଡିଲା। ତେଣୁ ତାଙ୍କୁ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଉଛି। ତାଙ୍କ ସହ ଆଲୋଚନା ପାଇଁ ଆସନ୍ତା ୨୪ ତାରିଖରେ ଦିନ ଧାର୍ଯ୍ୟ କରାଯାଇଛି। ସେ ଯାହା ଅଭିଯୋଗ କରିଛନ୍ତି ତାହାର ରିପୋର୍ଟ ଆଣନ୍ତୁ ଓ ଆଇଆଇଟି ହାଇଦ୍ରାବାଦ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ତାହା ଉପରେ ମଧ ତାଙ୍କ ସହ ପ୍ରଶାସନ ଆଲୋଚନା କରିବ। ଏହି ସମୟରେ ରାଜନଗର ବନ ଖଣ୍ଡ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହିବେ। ଆବଶ୍ୟକ ପଡିଲେ ମୁଁ ମଧ ଉପସ୍ଥିତ ରହି ଆଲୋଚନା କରିବି ବୋଲି ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଛନ୍ତି। ଜିଲ୍ଲାପାଳ କହିଛନ୍ତି ଶ୍ରୀକାନ୍ତଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯିବ ନାହିଁ। ତାଙ୍କ ଚିକିତ୍ସା ପାଇଁ ଯାହା ଆବଶ୍ୟକ ତାହା ବିନା ମୂଲ୍ୟରେ ଯୋଗାଇ ଦିଆଯିବ।

## ଏସଆରସିଙ୍କ ଗାଇଡ୍ ଲାଇନ୍ ଜାରି : ବିନା ଭକ୍ତରେ ହେବ ପୂଜା

ଭୁବନେଶ୍ୱର : ଗତବର୍ଷ ଭଳି ଏବର୍ଷ ବି ବିନା ଭକ୍ତରେ ହେବ ପୂଜା ପାର୍ବଣ। ଗଣେଶପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ନେଇ ସୋମବାର ସ୍ୱତନ୍ତ୍ର ରିଲିଫ୍ କମିଶନର ମାର୍ଗଦର୍ଶିକା ଜାରି କରି ଏହା ସ୍ପଷ୍ଟ କରିଛନ୍ତି। ଏହାଛଡ଼ା ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସରେ ପଡୁଥିବା ସବୁ ପାର୍ବଣ ଲାଗି ଏହି ନିୟମ ଲାଗୁ ହେବ। ଅପରପକ୍ଷରେ ସୀମିତ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଲାଗି ଅନୁମତି ଦିଆଯାଇଛି।ଏସଆରସିଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ କଟକଣା ସହ ପୂଜା ଆୟୋଜନ ପାଇଁ ପୂଜା କମିଟି ଗୁଡ଼ିକୁ ଅନୁମତି ଦିଆଯାଇଛି। ମଣ୍ଡପ, ପେଣ୍ଡାଲରେ ପୂଜା ପାଇଁ ଅନୁମତି ନେବା ଜରୁରୀ।ଜିଲ୍ଲାରେ ଜିଲ୍ଲାପାଳ ଓ ଟୁଇନ ସିଟିରେ ସିପିଙ୍କ ଅନୁମତି ଆବଶ୍ୟକ । କେବଳ ପରମ୍ପରା ରକ୍ଷା ପାଇଁ ନିରାଡ଼ମ୍ବର ଭାବେ ପୂଜା କରାଯିବ।କୌଣସି ସାଜସଜ୍ଜା ହୋଇପାରିବ ନାହିଁ କିମ୍ବା ମଣ୍ଡପକୁ ଶ୍ରଦ୍ଧାଳୁ ଆସି ପାରିବେ ନାହିଁ। ସବୁ ପୂଜାମଣ୍ଡପରେ ୪ଫୁଟରୁ କମ୍ ଉଚ୍ଚତାରେ ମୂର୍ତ୍ତି ହେବ। ପୂଜାମଣ୍ଡପ ତିନି ପଟରୁ ସମ୍ପୂର୍ଣ୍ଣ ଆବଦ୍ଧ ହେବ। ସାମ୍ନା ପଟରୁ ଏମିତି ଆବଦ୍ଧ ହେବ ଯେମିତି ଦର୍ଶନ କରିବେନି ଭକ୍ତ। କର୍ତ୍ତା, ପୁରୋହିତ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ମିଶାଇ ୭ଜଣଙ୍କୁ ଅନୁମତି ମିଳିବ। ବିସର୍ଜନ ଶୋଭାଯାତ୍ରା ହେବ ନାହିଁ। କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ ହେବ। ଏହାଛଡ଼ା କୋଭିଡ୍ ନିୟମ ଓ ସାମାଜିକ ଦୂରତା ରକ୍ଷା ବାଧତାମୂଳକ। ଏହି ଅବସରରେ ଭୋଜିଭାତକୁ ବି ବାରଣ କରାଯାଇଛି।

# କ୍ରାନ୍ତି ଦିବସରେ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନ ଓ ତାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର: କ୍ରାନ୍ତିଦିବସ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜ୍ୟ ଅଭିଲେଖାଗାରଠାରେ ଓଡ଼ିଶରେ ଭାରତ ଛାଡ଼ ଆନ୍ଦୋଳନ ଓ ତା'ର ପ୍ରଭାବ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଆଜାଦ୍ ଭାରତ କି ଅମୃତ ମହୋତ୍ସବ' ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ସ୍ୱାଧୀନ ଭାରତରେ ନାଗରିକମାନେ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ପାଳନ କରିବା ଦିଗରେ ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସ ପୌରୋହିତ୍ୟ କରି ଏହି ଆଲୋଚନାରେ ଓଡ଼ିଶା ଭାରତ ଛାଡ଼ ଆନ୍ଦୋଳନରେ ଯେଉଁ ଭୂମିକା ନେଇଥିଲା ତାହା ଜାତୀୟ ସ୍ତରରେ ଯଥାଯଥ ଭାବେ ଆଲୋଚିତ ହୋଇପାରି ନଥିଲା ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାସ ଅଗଷ୍ଟ କ୍ରାନ୍ତିର ପୃଷ୍ଠଭୂମି ଓ ତତ୍‌କାଳୀନ ଜନମାନସରେ ତା'ର ପ୍ରଭାବ ସଂପର୍କରେ ସବିଶେଷ ବିବରଣୀ ଅବତାରଣ କରି ଓଡ଼ିଶାର ନେତୃବର୍ଗ ତାକୁ କି ଧରଣର ଆନ୍ଦୋଳନରେ ପରିଣତ କରିଥିଲେ ତାହା ବର୍ଣ୍ଣନା କରିଥିଲେ । ବମ୍ବେର ଗ୍ୱାଲିଆ ପୋଖରୀ ବା ଅଗଷ୍ଟ କ୍ରାନ୍ତି ମଇଦାନ ରେ ଭାରତୀୟ କଂଗ୍ରେସ ନେଇଥିବା ନିଷ୍ପତି ଓ ଗାନ୍ଧୀଙ୍କ କର ବା ମର ଡାକରାରେ ହିଂସା ଓ ଅହିଂସାର ପରିସୀମା ନିର୍ଦ୍ଧାରଣ କରାଯାଇ ନଥିବା ଉଲ୍ଲେଖ କରି ସେହି ଅଗଷ୍ଟ କ୍ରାନ୍ତିର ଭାରତ ଛାଡ଼ ଡାକରାରେ ଓଡ଼ିଶାର ଭଦ୍ରକର ଇରମ୍, ମାଲକାନଗିରିର ମାଥିଲି, ନବରଙ୍ଗପୁରର ପାପଡ଼ାହାଣ୍ଡି, ପୁରୀର ନିମାପଡ଼ା, ବାଲେଶ୍ୱରର ତୁଡ଼ିଗଡ଼ିଆ ଆଦି ସ୍ଥାନ ରେ ବହୁସଂଖ୍ୟକ ଆନ୍ଦୋଳନକାରୀ ପ୍ରାଣବଳୀ ଦେଇଥିଲେ ବୋଲି ସେ ତାଙ୍କ ଆଲୋଚନାରେ ସୂଚିତ କରିଥିଲେ। ଓଡ଼ିଶାର ନେତୃମଣ୍ଡଳୀଙ୍କ ମଧ୍ୟରେ ଅଗଷ୍ଟ କ୍ରାନ୍ତିରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କ ବିଶେଷ ଭୂମିକା ଥିଲା । କଟକର ଅଲିସା ବଜାରର ନନ୍ଦ କିଶୋର ସାହୁଙ୍କ ଘରେ ଆତ୍ମଗୋପନ କରି ସେ ରାଜ୍ୟ ବ୍ୟାପୀ ସଂଗ୍ରାମୀମାନଙ୍କ ମଧ୍ୟରେ ଆନ୍ଦୋଳନର ବାର୍ତ୍ତା ଥାଇ ପ୍ରଚାରପତ୍ର ଓ ଲିଫ୍‌ଲେଟ୍ ଆଦି ବାଂଟିବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ବୋଲି କହିଥିଲେ। ତେବେ ଓଡ଼ିଶାରେ ହୋଇଥିବା ଅଗଷ୍ଟ କ୍ରାନ୍ତିର ପ୍ରକୃତ ମୂଲ୍ୟାଙ୍କନ କରାଯାଇନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତାଙ୍କୁ ଶାସନ ସଚିବ ଶ୍ରୀ ଦଳାଇ ବୃକ୍ଷଚାରା, ସ୍ମୃତିଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ବିଜେପିର ରାଜ୍ୟସ୍ତରୀୟ ପଂଚାୟତରାଜ ସମିତି ବୈଠକ

ଭୁବନେଶ୍ୱର: ପଂଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ଦୀର୍ଘ ୨୮ ବର୍ଷ ବିତିଯାଇଥିଲେ ସୁଦ୍ଧା ଓଡିଶା ପ୍ରଦେଶରେ ଏହି ବ୍ୟବସ୍ଥାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ । ରାଜ୍ୟ ସରକାର ପଂଚାୟତରାଜ ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଜଳାଞ୍ଜଳୀ ଦେଇ ଗ୍ରାମାଂଚଳ ବିକାଶରେ ବାଧକ ସାଜିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ରାଜ୍ୟ ପଂଚାୟତରାଜ ସମିତିର ରାଜ୍ୟ ସଂଯୋଜକ ଶଙ୍କର ପରିଡା କହିଛନ୍ତି ।ଶନିବାର ରାଜ୍ୟ କାର୍ଯ୍ୟାଳୟରେ ପଂଚାୟତରାଜ ସମିତିର ଅଧକ୍ଷ ତଥା ପୂର୍ବତନ ପଂଚାୟତରାଜ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ ପଂଚାୟତରାଜ ସମିତି ବୈଠକ ପ୍ରସଙ୍ଗରେ ସୁଚନା ଦେଇ ଶ୍ରୀ ପରିଡା କହିଛନ୍ତି ଯେ, ମୋଦି ସରକାର ୨୦୧୪ ମସିହାରେ ଶାସନ କ୍ଷମତାକୁ ଆସିବା ପରେ ପଂଚାୟତ ବ୍ୟବସ୍ଥାର ସୁଫଳକୁ ତୃଣମୁଳ ସ୍ତରରେ ପହଂଚାଇବା ପାଇଁ ପଂଚାୟତରାଜ କ୍ଷମତାକୁ ବିକେନ୍ଦ୍ରୀକରଣ କରିଥିଲେ। ଚତୁର୍ଦ୍ଦଶ ଓ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ପଂଚାୟତ ତଥା ଗ୍ରାମାଂଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପଂଚାୟତମାନଙ୍କୁ ସିଧାସଳଖ ଆର୍ଥିକ ଅନୁଦାନ ଦିଆଗଲା । ଓଡିଶାକୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶକ୍ରମେ ୧୬୫ ପ୍ରତିଶତ ବୃଦ୍ଧି କରାଯାଇ ୧.୮୪ ଲକ୍ଷ କୋଟି ଟଙ୍କା ଅନୁଦାନ ଆସିଥିବାବେଳେ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ଏହି ଅନୁଦାନକୁ ୨.୨୨ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପଂଚାୟତଗୁଡିକରେ ଅମଲାତନ୍ତ୍ରଙ୍କ ସିଧାସଳଖ ହସ୍ତକ୍ଷେପ କାରଣରୁ ଆଜି ପଂଚାୟତ ତଥା ଗ୍ରାମାଂଚଳରେ ବିକାଶମୁଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଲୋକଙ୍କୁ କ୍ଷମତା ଦେବା ପରିବର୍ତ୍ତେ ଶାସକ ବିଜେଡି ପଂଚାୟତରାଜ ବ୍ୟବସ୍ଥାର କ୍ଷମତାକୁ ଅପହରଣ କରି ପଙ୍ଗୁ ଓ ଅଚଳ କରିଦେଇଛି । ରାଜ୍ୟ ସରକାର ନିର୍ବାଚିତ ଜନପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରିଦେଇ ସମସ୍ତ କ୍ଷମତା ଅମଲାତନ୍ତ୍ରକୁ ପ୍ରଦାନ କରିଦେଇଛନ୍ତି । ଏହା ଗଣତନ୍ତ୍ରର ହତ୍ୟା ବୋଲି ଶ୍ରୀ ପରିଡା କହିଛନ୍ତି । ଗ୍ରାମାଂଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ । ସମସ୍ତ କେନ୍ଦ୍ରୀୟ ଓ ଜନକଲ୍ୟାଣ ଯୋଜନାକୁ ଅପହରଣ କରି ପଂଚାୟତରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ସହ ସାଧାରଣ ଗ୍ରାମାଂଚଳବାସୀଙ୍କୁ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ ରଖୁଛନ୍ତି । ଗ୍ରାମଂଚଳରେ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ଦଳୀୟ ଭିତିରେ ବଂଟନ କରି ବ୍ୟାପକ ଘୋଟାଲା କରୁଛନ୍ତି । ସେହିପରି ଗ୍ରାମାଂଚଳର ବିକାଶ ଓ ଭିତିଭୂମିକୁ ସୁଦୃଢ କରିବା ପାଇଁ ଆସୁଥିବା ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଅନୁଦାନକୁ ସଠିକ୍ ବିନିଯୋଗ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଗାମୀ ଦିନରେ ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କ ସମସ୍ୟାକୁ ଉଠାଇବା ସହ ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ମଜବୁତ୍ କରିବା ହେଉଛି ଆଜିର ବୈଠକର ମୂଳ ଲକ୍ଷ୍ୟ । କେନ୍ଦ୍ର ସରକାରଙ୍କ ପଂଚାୟତବ୍ୟବସ୍ଥାକୁ ବିକନ୍ଦ୍ରୀକରଣ କରାଯାଇ ଗ୍ରାମାଂଚଳର ବିକାଶମୂଳକ ଯୋଜନାକୁ ସାଧାରଣ ଜନତାଙ୍କୁ ଅବଗତ କରାଯିବା ସହ ଅନ୍ୟ ପଟେ ଜନପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରି ବିଭିନ୍ନ ଜନ ଓ ଗରୀବକଲ୍ୟାଣକୁ ଅପହରଣ କରୁଥିବା ଜନବିରୋଧୀ, ଜନପ୍ରତିନିଧି ବିରୋଧୀ, ଅମଲାତନ୍ତ୍ର ନିର୍ଭରଶୀଳ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଜନଆନ୍ଦୋଳନ କରାଯିବ । ପଲ୍ଲୀସଭା, ଗ୍ରାମସଭାକୁ ଶକ୍ତିଶାଳୀ କରିବା, ପଂଚାୟତ ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଆଜିର ଏହି ବୈଠକରେ ବିଜେପିର ସମସ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହ ଆଲୋଚନା ହୋଇଛି ବୋଲି ଶ୍ରୀ ପରିଡା ସୁଚନା ଦେଇ କହିଛନ୍ତି ।ପ୍ରତିକୂଳ ପରିସ୍ଥିତିରେ ପଂଚାୟତ ନିର୍ବାଚନ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ । ପଂଚାୟତ ନିର୍ବାଚନ ପାଇଁ ସ୍ଥାନୀୟ ନେତୃବୃନ୍ଦ ଆଗକୁ ଆସି ବିଭିନ୍ନ ଦାୟିତ୍ୱ ନେଇ କାର୍ଯ୍ୟ କରିବେ । ପ୍ରତ୍ୟେକ ଗାଁ ଗାଁ ବୁଲି ପଦଯାତ୍ରା କରି ଲୋକଙ୍କ ସହ ଯୋଡି ହେବା ଓ 'ସେବା ହିଁ ସଙ୍ଗଠନ'କୁ ଆଧାର କରି ଲୋକଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟାକୁ ଉଠାଇବା ପାଇଁ ପଂଚାୟତରାଜ କମିଟିର ଅଧକ୍ଷ ତଥା ପୂର୍ବତନ ପଂଚାୟତରାଜ ମନ୍ତ୍ରୀ ରଘୁନାଥ ମହାନ୍ତି ଆହ୍ୱାନ ଦେଇଛନ୍ତି ।ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଓ ଡ.ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତା ରଂଜନ ପଟେଲ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ ।

# ଅଣ ସଂଗଠିତ ଶ୍ରମିକଙ୍କ ସମସ୍ୟାକୁ ନେଇ ବିଧାନସଭା ଘେରିଲା ଏ.ଆଇ.ୟୁ.ଡବ୍ଲୁ.ସି

ଭୁବନେଶ୍ୱର : ଦଫା ଦାବିନେଇପ୍ରଦେଶ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସୋମବାର କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟର ସମସ୍ତ ଜିଲ୍ଲା କମିଟି ନେତୃବୃନ୍ଦ ବିଧାନସଭା ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକ, କୃଷି, ମନରେଗା, ଉଠା ଦୋକାନୀ, ଘରୋଇ ଶ୍ରମିକ ଭାବେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ୧.୬୨ କୋଟି ଅଣସଂଗଠିତ ଶ୍ରମିକ କାର୍ଯ୍ୟ କରୁଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାଁ ଭାଁ ୮୦ଲକ୍ଷ ଅଣ ସଂଗଠିତ ଶ୍ରମିକଙ୍କ ନାମ ପଞ୍ଜିକୃତକରି ଧର୍ମକୁ ଆଖିଠାର ମାରିଥିବା ପ୍ରତିବାଦରେ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ମନରେଗାରେ ଚାଲିଥିବା ମାଫିଆରାଜ ବନ୍ଦ କରିବା, ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କ ନାମ ପଞ୍ଜିକୃତ କରିବା ସହିତ ପଞ୍ଜିକୃତ ଅଣସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ ଓ ମନରେଗାରେ କାର୍ଯ୍ୟକରୁଥିବା ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ଓ ସେମାନଙ୍କୁ କୋଭିଡ ସହାୟତା ରାଶି ଯୋଗାଇ ଦେବା, ପ୍ରବାସୀ ଶ୍ରମିକ ମାନଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଦେବା ସହିତ ସେମାନଙ୍କୁ ଦୁର୍ଘଟଣା ଓ ମୃତ୍ୟୁକାଳୀନ କ୍ଷତିପୂରଣ ଯୋଗାଇଦେବା ରାଜ୍ୟରେ ସମସ୍ତ ପଞ୍ଜିକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କୁ କୋଭିଡ ମହାମାରୀରେ ଆର୍ଥିକ ସହାୟତା ଯୋଗାଇଦେବାକୁ କଂଗ୍ରେସ ଦାବି କରିଛି। ଏହି ଅବସରରେ ଏକ ପ୍ରତିବାଦ ସଭା ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ,ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଶିବାନନ୍ଦ ରାୟ, ଏ.ଆଇ.ୟୁ.ଡବ୍ଲୁ.ସି ର ରାଜ୍ୟ ଉପଧକ୍ଷା ଜ୍ୟୋତ୍ସା ସେନାପତି, ରାଜ୍ୟ ସଂପାଦକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସେବାକୁ ମୌଳିକ ଅଧିକାର ପରିସରଭୁକ୍ତ କର : କଂଗ୍ରେସ

ଭୁବନେଶ୍ୱର : ମ୍ବିଧାନର ସପ୍ତମ ଅନୁସୂଚୀ ଅନୁସାରେ ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ତାଲିକାଭୁକ୍ତ ବିଷୟ। ଧାରା ୪୭ କହେଯେ ଜନସ୍ୱାସ୍ଥ୍ୟର ମାନବୃଦ୍ଧି ହେଉଛି ସରକାରଙ୍କ ଦାୟିତ୍ୱ। କିନ୍ତୁ ଦୁର୍ଭାଗ୍ୟ ଯେ ରାଜ୍ୟ ସରକାରଙ୍କ ଏଥିପ୍ରତି ଯଥୋଚିତ ଦୃଷ୍ଟି ନାହିଁ। ରାଜ୍ୟର ବିଜେଡ଼ି ସରାର ନିଜ ଦଳର ସ୍ୱାସ୍ଥ୍ୟ ପ୍ରତି ସଚେତନ କିନ୍ତୁ ଜନ ସ୍ୱାସ୍ଥ୍ୟପ୍ରତି ଉଦାସୀନ। ଫଳତଃ ରାଜ୍ୟବାସୀ ଅବହେଳିତ ହେଉଛନ୍ତି। ଅର୍ଥାଭାବରୁ ଉତମ ଚିକିତ୍ସାରୁ ବଂଚିତ ହୋଇ ବହୁ ଯନ୍ତ୍ରଣା ଭୋଗୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ସ୍ୱାସ୍ଥ୍ୟପ୍ରତି ଅବହେଳା ଅପରାଧିକ ଅବହେଳା। ରାଜ୍ୟ ସରକାର ଖାଲି ପଡ଼ିଥିବା ୨୩୬୬ ଡାକ୍ତର ପଦବୀ, ସରକାରୀ ମେଡିକାଲ କଲେଜ ମାନଙ୍କରେ ୨୦୨ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହାୟକ ପ୍ରଫେସର ପଦବୀ ପୂରଣ କରିପାରି ନାହାନ୍ତି। ଏଥି ସହିତ ପାରାମେଡିକାଲ ଷ୍ଟାଫ ମାନଙ୍କ କ୍ଷେତ୍ରରେ ମଧ ଖାଲିସ୍ଥାନ ପଡ଼ିରହିଛି। ସରକାର ୨୦୨୦-୨୧ ଅର୍ଥନୈତିକ ସର୍ତ୍ତରେ ଘୋଷଣା କଲେ ଯେ ଅଧିକ ସଂଖ୍ୟକ ମେଡିକାଲ କଲେଜମାନ ଖୋଲିବୁ ଓ ଡାକ୍ତର ଅଭାବଜନିତ ସମସ୍ୟାର ଅନ୍ତ ଘଟାଇବୁ। କିନ୍ତୁ ଅପରପକ୍ଷରେ କେନ୍ଦ୍ରାପଡ଼ାରେ ମାଟିପାଇଁ ପାଟି ଖୋଲି ଆନ୍ଦୋଳନ କରି କଂଗ୍ରେସ ମେଡିକାଲ କଲେଜଟିଏ ସ୍ଥାପନ ନିମନ୍ତେ ଦାବି କରିଚାଲିଥିଲେ ମଧ ଶୁଣାଯାଉ ନାହିଁ। ଭଦ୍ରକ ଓ ରାୟଗଡ଼ା ଠାରେ ମଧ ମେଡିକାଲ କଲେଜ ଆନ୍ଦୋଳନ ଜୋରଦାର ହେଉଛି। ସରକାର ମୌନବ୍ରତରେ ଅଛନ୍ତି। ସୁନ୍ଦରଗଡ଼ ଭଳି ରାଜ୍ୟ ସରକାର ପ୍ରତିଷ୍ଠା କରିଥିବା ମେଡିକାଲ ନାହିଁ ନାହିଁରେ ଚାଲିଥିବାରୁ ଜିଲ୍ଲାବାସୀ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଆଜି ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ଆସିୟୁର ବ୍ୟବସ୍ଥା ନାହିଁ। ସବ୍‌ଡିଭିଜନ ସ୍ତରୀୟ ଓ ବ୍ଲକ ସ୍ତରୀୟ ସିଏଚସି ଓ ପିଏଚସି ମାନଙ୍କରେ ରୋଗ ନିରୂପଣ ବ୍ୟବସ୍ଥା ନାହିଁ। ଯାହା ଫଳରେ ରୋଗରେ ପଡ଼ି ଲୋକେ ବେସରକାରୀ ମେଡିକାଲ ଯିବାକୁ ବାଧ ହେଉଛନ୍ତି। ନିକାଲ ଏଷ୍ଟାବ୍ଲିସ ମେଂଟ ଆଇନ ୨୦୧୦ ଓ ରାଜ୍ୟର ନିଜସ୍ୱ ୧୯୯୦ ଆଇନ ଅନୁସାରେ ସରକାରଙ୍କ ସଂପୂର୍ଣ୍ଣ କ୍ଷମତା ଥାଇ ମଧ ଏହାର ପ୍ରୟୋଗ ହେଉନଥିବା କ୍ଷୋଭର ବିଷୟ।

# ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପିନେ) : କୋଭିଡ୍ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିୟୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ୍, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ ।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଲାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲଚ୍ଛ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି । ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି । କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି । ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି । ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି ।




## ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣ କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର :'ସାମାଜିକ ନ୍ୟାୟ ଦିବସ' ପାଳନ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ନିମିତ ଚାକିରୀ ଓ ନାମଲେଖା କ୍ଷେତ୍ରରେ ୨୭ଭାଗ ସ୍ଥାନ ସଂରକ୍ଷଣ ଦାବିରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।୧୯୯୦ ମସିହା ଅଗଷ୍ଟ ୭ ତାରିଖ ଦିନ କେନ୍ଦ୍ର ସରକାର ଦେଶର ଓ.ବି.ସି.ଙ୍କ ପାଇଁ ସରକାରୀ ଚାକିରୀରେ ୨୭ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ କଲେ। ଏହାକୁ ସୁପ୍ରିମକୋର୍ଟ 'ଇନ୍ଦ୍ର ସାହାଣୀ' ମୋକଦ୍ଦମାରେ ବୈଧ ଘୋଷଣା କରିବା ସହିତ ବିଶେଷ ପରିସ୍ଥିତିରେ ୫୦ଭାଗରୁ ଅଧିକ ସଂରକ୍ଷଣ ଦିଆଯାଇ ପାରିବ ବୋଲି ମତାମତ ଦେଇଥିଲେ। ପରବର୍ତୀ ପର୍ଯ୍ୟାୟରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଓବିସି ପିଲାଙ୍କୁ ୨୦୦୬-୦୭ ମସିହାରୁ ୨୭ ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉଅଛି। କିନ୍ତୁ ଓଡ଼ିଶାରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫ଭାଗ ସଂରକ୍ଷଣ ଦିଆଯିବା ସହିତ ମେଡ଼ିକାଲ, ଇଞ୍ଜିନିୟରିଂ ଓ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାରେ ଆଦୌ ସଂରକ୍ଷଣ ଦିଆଯାଉ ନାହିଁ। ଏହା ଫଳରେ ଓବିସି ବର୍ଗର ବହୁ ଛାତ୍ରଛାତ୍ରୀ ନିଯୁକ୍ତିରୁ ବଂଚିତ ହେବା ସହିତ ଉଚ୍ଚଶିକ୍ଷା ପାଇବାରୁ ମଧ୍ୟ ବଂଚିତ ହେଉଛନ୍ତି ବୋଲି ଏହି ପ୍ରତିବାଦ ସମାରୋହରେ ଯୋଗଦେଇ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ପ୍ରକାଶ କରିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ରାଜ୍ୟର ଓବିସି ବର୍ଗଙ୍କୁ ଚାକିରୀ ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଜାତିଗତ ଜନଗଣନା ଲାଗୁ କରାଗଲେ ରାଜ୍ୟର ଦଳିତ, ଆଦିବାସୀ ଓ ପଛୁଆବର୍ଗର ଜନସାଧାରଣ ଯୋଜନାର ସୁଫଳ ପାଇବା ସହିତ ସଂରକ୍ଷଣର ସୁବିଧା ସୁଯୋଗ ମଧ୍ୟ ପାଇପାରିବେ। ୨୦୦୯ ମସିହାରୁ କେନ୍ଦ୍ର ସରକାର ଜାତିଗତ ଜନଗଣନା ନେଇ ପଦକ୍ଷେପ ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ଲାଗୁ କରାଗଲା ନାହିଁ। ୨୦୧୯ ମସିହାରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଂଟକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ୨୦୨୧ ଜାତୀୟ ଜନଗଣନାରେ ଜାତିଗତ ଜନଗଣନାକୁ ସ୍ଥାନିତ କରାଯିବ। ଖୋଦ୍ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରିଛନ୍ତି। ତେଣୁ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ ନିଜସ୍ୱ ଉଦ୍ୟମରେ ପଦକ୍ଷେପ ନେବା ସହିତ ଭାରତ ସରକାରଙ୍କ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।୨୦୦୮ ମସିହାରେ ଓଡ଼ିଶା ବିଧାନସଭା ସର୍ବସମ୍ମତ ଭାବରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଏହାକୁ ଭାରତ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ନିମିତ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। କିନ୍ତୁ ଆଜିକୁ ୧୩ ବର୍ଷ ହେଲା ତାହା ଶୀତଳ ଭଣ୍ଡାରରେ ପଡ଼ିରହିଛି। 'ମରାଠା ସଂରକ୍ଷଣ' ଉପରେ ସୁପ୍ରିମ କୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିବା ପାଇଁ ସଂସଦରେ ପ୍ରସ୍ତାବ ଆଗତ କରିବାକୁ ଯାଉଛନ୍ତି। ତେଣୁ ଓଡ଼ିଶା ସରକାର ଓ ଆମ ରାଜ୍ୟର ସାଂସଦମାନେ ଓଡ଼ିଶା ସଂରକ୍ଷଣ ଆଇନ୍-୨୦୦୮କୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ସମାଜବାଦୀ ପାର୍ଟି ଦାବି କରୁଛି। ପାର୍ଟିର ରାଜ୍ୟ ସଭାପତି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଖିଳ ଭାରତ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ବରିଷ୍ଠ ସମାଜବାଦୀ ନେତା ବିଜୟ ବେହେରା, ଯୁବ ଜନସଭାର ସଭାପତି ସୁବ୍ରତ ଲେଙ୍କା, ଯୁବନେତା ଗଣେଶ୍ୱର ଦାସ, ନାରୀନେତ୍ରୀ ସୁଧାରାଣୀ ସାହୁ, ଛାତ୍ରନେତା ସୌମ୍ୟରଞ୍ଜନ ଦାସ ପ୍ରମୁଖ ଏହି ପ୍ରତିବାଦ ସମାରୋହରେ ଅଂଶଗ୍ରହଣ କରି ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ନିଯୁକ୍ତି ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନିଦଫା ସମ୍ବଳିତ ଦାବିପତ୍ର ପାର୍ଟି ପକ୍ଷରୁ ପ୍ରଦାନ କରାଯାଇ ଓଡ଼ିଶାରେ ତୁରନ୍ତ ପଛୁଆବର୍ଗ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି।

## ଦୁଗ୍ଧଚାଷୀଙ୍କୁ କୋଭିଡ୍ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା : ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର: ରାଜ୍ୟର ୧ଲକ୍ଷ ଦୁଗ୍ଧଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଆଜି ୧୧ କୋଟି ଟଙ୍କାର କୋଭିଡ୍ ସହାୟତା ରାଶି ପ୍ରଦାନ କରାଯାଇଛି। ଏହାଦ୍ୱାରା ଜଣେ ଜଣେ ଚାଷୀ ୬ ହଜାର ଟଙ୍କା ପର୍ଯ୍ୟନ୍ତ କୋଭିଡ୍ ସହାୟତା ପାଇଛନ୍ତି। ରାଜ୍ୟର ଦୁଗ୍ଧଚାଷୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଏହି ସହାୟତା ଏକ ବହୁତ ବଡ଼ ପଦକ୍ଷେପ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରକାଶ କରିଛନ୍ତି ଯେ, ଓମ୍‌ଫେଡ୍ ଜରିଆରେ ୨ଲକ୍ଷ ୭୮ ହଜାର ଚାଷୀ ପ୍ରତିଦିନ ହାରାହାରି ୬ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରୁଛନ୍ତି। ଏହାବ୍ୟତୀତ ପ୍ରଗତି ଡାଏରୀ, ମିଲ୍କ ମୁଁ ଓ ଓଡ଼ିଶା ଡାଏରୀ ପାଖାପାଖି ୨ଲକ୍ଷ ଲିଟର କ୍ଷୀର ଦେଇ ନିଜର ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ କୋଭିଡ୍ ସମୟରେ କେହି ଡାଏରୀ କମ୍ପାନୀମାନେ ଦୁଗ୍ଧ ନନେବା ଫଳରେ ଚାଷୀମାନେ ବହୁତ କ୍ଷତିର ସମ୍ମୁଖୀନ ହେଲେ। ସେମାନଙ୍କର ଜୀବନ ଜୀବିକା ବିପଦ ମୁହଁକୁ ଠେଲି ହୋଇଗଲା। ବାରମ୍ବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଚାଷୀମାନେ ପହଂଚି କ୍ଷତିପୂରଣ ଦେବାପାଇଁ ସହାୟତାର ହାତ ବଢ଼ାଇବାକୁ ନିବେଦନ କଲେ। ଦୁଗ୍ଧଚାଷୀମାନଙ୍କର ଏହି ଅସମୟରେ ମୁଖ୍ୟମନ୍ତ୍ରୀ ଆଗେଇଆସି ସେମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ୧୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିବା ଯୋଗୁଁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ମୁଖ୍ୟମନ୍ତ୍ରୀଙ୍କ ପାଖରେ ତା'ର କୃତଜ୍ଞତା ଜ୍ଞାପନ କରୁଛୁ। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନକୁ ଆଜିର ୨୪ ଲକ୍ଷ ଟନ୍‌ରୁ ୩୦ଲକ୍ଷ ଟନ୍‌କୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି। ରାଜ୍ୟର କୃଷି ଅର୍ଥନୀତିରେ ଦୁଗ୍ଧ ଉତ୍ପାଦନ ଗାଁ ଗହଳିର ବେକାର ଯୁବକ ଯୁବତୀଙ୍କର ଜୀବନ ଜୀବିକା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶେଷତଃ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଦୁଗ୍ଧ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଦୁଗ୍ଧଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆଗାମୀ ଦିନରେ ବ୍ୟାଙ୍କ ମାନଙ୍କୁ ପଦକ୍ଷେପ ନେବାକୁ କୃଷିମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଅନୁରୋଧ କରିଛନ୍ତି । ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ମାନ୍ୟବର କୃଷିମନ୍ତ୍ରୀଙ୍କୁ ମଧ୍ୟ କୋଭିଡ୍ ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ଖେଳରତ୍ନ ପୁରସ୍କାରର ନାମ ବଦଳାଇବା ମୋଦିଙ୍କ ଅସହିଷ୍ଣୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର :ଭାରତ ବର୍ଷର ସର୍ବଶ୍ରେଷ୍ଠ ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ କାଟିବା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ମୋଦି ସରକାରର ଅସହିଷ୍ଣୁତା ବୋଲି କଂଗ୍ରେସ କହିଛି। ଭାରତବର୍ଷରେ ନୂଆ କିଛି କରିବାର ଦକ୍ଷତା ରଖିନଥିବା ବିଜେପି ସରକାର କଂଗ୍ରେସ କରିଥିବା ସମସ୍ତ ଯୋଜନାର ନାମ ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଛନ୍ତି। ଖେଳ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ ହଟେଇଦେଲେ ଭାରତବର୍ଷରୁ ରାଜୀବ ଗାନ୍ଧୀଙ୍କ ବିଚାରଧାରାକୁ ପରିବର୍ତ୍ତନ କରିପାରିବେ ନାହିଁ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ରକ୍ତ ଭାରତ ବର୍ଷର ମାଟି, ପାଣି ଓ ପବନରେ ପ୍ରବାହିତ ହେଉଛି ଏବଂ ସେ ହେଉଛନ୍ତି ଆଧୁନିକ ଭାରତ ବର୍ଷର ନିର୍ମାତା ଏବଂ ବର୍ତ୍ତମାନ ଯୁବ ଶକ୍ତିର ଆଦର୍ଶ ଓ ପ୍ରାଣଦାତା।

ଏହି ଅବସରରେ କଂଗ୍ରେସ ଭବନରେ ପିସିସି ମିଡିଆ ସେଲ ପକ୍ଷରୁ ଏକ ଜରୁରୀ ବୈଠକରେ ଏହି ହୀନ ରାଜନୀତିକୁ ନେଇ ମୋଦି ସରକାରର ଦୃଢ଼ ନିନ୍ଦା କରାଯାଇଛି। ପିସିସି ମିଡିଆ ସେଲର ଅଧ୍ୟକ୍ଷ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅବାହକ ସତ୍ୟପ୍ରକାଶ ନାୟକ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ବିଧାୟକ ତଥା ମୁଖପାତ୍ର ଅଧିରାଜ ମୋହନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ ସମେତ ସାମାଜିକ ଗଣମାଧ୍ୟମର ରାଜ୍ୟ ସାଧାରଣ ସଂପାଦକ ଚନ୍ଦନ ରାୟ, ସୁବାଷ ଚନ୍ଦ୍ର ନାୟକ, ବିନୋଦ ବିହାରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ମାଣ ଶ୍ରମିକମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ

ଭୁବନେଶ୍ୱର: ରାଜ୍ୟର ୨୫ ଲକ୍ଷ ୭୩ ହଜାର ୫୬୮ ପଂଜୀକୃତ ନିର୍ମାଣ ଶ୍ରମିକମାନଙ୍କ ପାଇଁ କରୋନା ଦ୍ୱିତୀୟ ଲହରୀ ଦୃଷ୍ଟିରୁ ୧୫୦୦ ଟଙ୍କା ଲେଖାଏଁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ୟାକେଜ୍ ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି ।ଏହି ପରିପ୍ରେକ୍ଷୀରେ ଏଯାବତ୍ ୧୪ ଲକ୍ଷ ୧୬ ହଜାର ୫୮୪ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ କୋଭିଡ୍ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏ ବାବଦକୁ ସେମାନଙ୍କର ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରେ ମୋଟ ୨୧୨.୪୯ କୋଟି ଟଙ୍କା ଦିଆଯାଇଛି ।ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ୱେବ୍‌ସାଇଟ୍ ଲିଙ୍କ୍‌ରେ ସେମାନଙ୍କର ଦେୟ ସ୍ଥିତି ଯାଂଚ କରିପାରିବେ ।ଦେୟ ପ୍ରଦାନ ହୋଇନଥିଲେ ସେମାନେ ଏଠାରେ ଆଧାର ଲିଙ୍କ୍ ହୋଇଥିବା ବ୍ୟାଙ୍କ୍ ଆକାଉଂଟ ମୋବାଇଲ୍ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ଯାଂଚ କରି ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।ଏହି ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ହିତାଧିକାରୀମାନେ ସଂଯୋଗ ହେଲପ୍‌ଲାଇନ୍ ନମ୍ବର୧୫୫୩୩୫ରେ ଯୋଗାଯୋଗ କରିବାକୁ ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଆଧାର ସହ ବ୍ୟାଙ୍କ ଖାତା ସଂଯୋଗ ହୋଇନଥିଲେ, ସକ୍ରିୟ ପଂଜୀକୃତ ନିର୍ମାଣ ଶ୍ରମିକମାନେ ଯଥାଶୀଘ୍ର ବ୍ୟାଙ୍କ ଯାଇ ନିଜ ଆଧାର ସହ ବ୍ୟାଙ୍କ୍ ଖାତାକୁ ଯୋଡ଼ି ଏହାକୁ ଡିବିଟି ସକ୍ଷମ କରାଇବା ଆବଶ୍ୟକ, ଯାହାକି ତାଙ୍କର ବ୍ୟାଙ୍କ ଖାତାକୁ ସିଧାସଳଖ ସ୍ୱତନ୍ତ୍ର କୋଭିଡ୍ ସହାୟତା ରାଶି ତୁରନ୍ତ ପଠାଇବାରେ ଖୁବ୍ ସହାୟକ ହେବ ବୋଲି ରାଜ୍ୟ ଶ୍ରମ କ ମିଶନର ଙ୍କ ସୂତ୍ରରୁ ପ୍ରକାଶ ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି ।ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ ।ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ ।ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ର୍ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

### କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି ।

ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ।

## ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି। ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି। ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ। କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ। ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା। କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି। ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ, ଏବିଇଓ, ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ। ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଆଇଆଇଟି ଭୁବନେଶ୍ୱରର ଲେକଚର୍ ହଲ୍ ଏବଂ ଛାତ୍ରାବାସର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର: ସମଗ୍ର ଭାରତବର୍ଷରେ ଥିବା ଆଇଆଇଟି ଭଳି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ ବୋଲି ଶୁକ୍ରବାର ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ(ଆଇଆଇଟି) ଭୁବନେଶ୍ୱରର ପୁଷ୍ପଗିରି ଲେକଚର ହଲ୍ କମ୍ପଲେକ୍ସ ଏବଂ ଋଷିକୁଲ୍ୟା ଛାତ୍ରାବାସର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ଖୁବ ଶୀଘ୍ର ଆଇଆଇଟି ଇଞ୍ଜିନିୟରିଂରେ ଓଡିଆ ଭାଷାରେ ଛାତ୍ରଛାତ୍ରୀ ପାଠ ପଢିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆଇଆଇଟି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ଯୋଡ଼ିବା ପାଇଁ ଆଇଆଇଟିର ନିର୍ଦ୍ଦେଶକ ମାନଙ୍କୁ ପରାମର୍ଶ ଦେବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥବା ନୂଆ ଜାତୀୟ ଶିକ୍ଷା ନୀତିରେ ବହୁ ଭାଷାଭାଷୀ ବିଷୟକୁ ଗୁରୁତ୍ୱ ଦିଆଯାଇଛି। ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡିଆ ଭାଷା ସମେତ ଦେଶର ସ୍ଥାନୀୟ ଭାଷା ଯଥା ବଙ୍ଗାଳୀ, ମଲାୟାଲାମ, ମରାଠୀ, ଗୁଜୁରାଟୀ,ତେଲୁଗୁ ଭଳି ଆଂଚଳିକ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ଜାତୀୟ ଶିକ୍ଷା ନୀତିର ପ୍ରମୁଖ ଦିଗ ହେଉଛି ଭାରତର ଆଂଚଳିକ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିବା, ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତର ନୂଆ ମାନଚିତ୍ର ପ୍ରସ୍ତୁତ କରିବ ବୋଲି ସେ କହିଛନ୍ତି । ୨୦୧୮ ଡ଼ିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିବା ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସକୁ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗସ୍ତ କରିବା ପରେ ଆଇଆଇଟିର ସାମାଜିକ ମର୍ଯ୍ୟାଦା ସହ ଗୁଣାତ୍ମକ ମାନ ବୃଦ୍ଧି ପାଇଛି। ୮୦୦ ବେଡ୍ ବିଶିଷ୍ଟ ଋଷିକଲ୍ୟା ଛାତ୍ରାବାସ ଏବଂ ଅତ୍ୟାଧୁନିକ ଲେକଚର ହଲର ଶୁଭାରମ୍ଭ କରାଯାଇ ଏଠାରେ ଭିତିଭୂମିକୁ ମଜବୁତ୍ କରାଯାଇଛି। ଏହି ଶିକ୍ଷାନୁଷ୍ଠାନ ବିଶ୍ୱ ଓ ମାନବ ସମାଜର ଆଶା ଏବଂ ଆକାଂକ୍ଷା ପୂରଣ ପୂରଣ କରିବ।ଦେଶର ଆଇଆଇଟି ବିଶ୍ୱ ଓ ଦେଶର ବୈଷୟିକ ଆବଶ୍ୟକତାକୁ ପୂରଣ କରୁଛନ୍ତି।

### ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ପୁରୀରୁ ଗୁଣୁପୁର ଏବଂ ପାରାଦୀପ ପାଇଁ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର:ପୁରୀରୁ ପାରାଦୀପ ଏବଂ ଗୁଣୁପୁର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ଏବଂ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍‌କୁ ନିମ୍ନଲିଖିତ ଅନୁଯାୟୀ ଖୋର୍ଦ୍ଧା ରୋଡ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ରେଳବାଇ ପକ୍ଷରୁ ନିଷ୍ପତି ନିଆଯାଇଛି ।୦୮୪୧୪/୦୮୪୧୩ ପୁରୀ-ପାରାଦୀପ-ପୁରୀ ସ୍ପେଶାଲ୍ ଉଭୟ ଦିଗରୁ ୧୬ ଅଗଷ୍ଟ ୨୦୨୧ ଠାରୁ ପୁରୀ ଏବଂ ପାରାଦୀପ ମଧ୍ୟରେ ଚଳାଚଳ କରିବ । ଏହି ଟ୍ରେନ ପୁରୀରୁ ସକାଳ ୬ଘ.୧୫ମି.ରେ ଛାଡି ପାରାଦୀପ ଅଭିମୁଖେ ଯାତ୍ରା କରିବାକୁ ଥିବାବେଳେ ଏହା ପାରାଦୀପ ଠାରୁ ସନ୍ଧ୍ୟା ୬ ଘଟିକାରେ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ।୦୮୪୧୭/୦୮୪୧୮ ପୁରୀ-ଗୁଣୁପୁର-ପୁରୀ ସ୍ପେଶାଲ୍ ପୁରୀରୁ ୧୬ ଅଗଷ୍ଟ ଏବଂ ଗୁଣୁପୁରରୁ ୧୭ ଅଗଷ୍ଟ, ୨୦୨୧ ଠାରୁ ଚଳାଚଳ କରିବ । ଏହି ଟ୍ରେନ୍ ପୁରୀରୁ ମଧ୍ୟାହ୍ନ ୧୨ ଘଟିକାରେ ଛାଡି ଗୁଣୁପୁରରେ ରାତ୍ରି ୮ଘ.୫୦ମି.ରେ ପହଂଚିବ। ଫେରିବା ଦିଗରେ, ଏହି ଟ୍ରେନ୍ ଗୁଣୁପୁରରୁ ସକାଳ ୫ ଘଟିକାରେ ଛାଡି ପୁରୀରେ ଅପରାହ୍ନ ୨ଘ.୫୦ମି.ରେ ପହଂଚିବ ।୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଖୋର୍ଦ୍ଧା ରୋଡ଼କୁ ସମ୍ପ୍ରସାରିତ କରାଯିବ। ଏହି ଟ୍ରେନ ଖୋର୍ଦ୍ଧା ରୋଡ଼ ରୁ ୧୬ ଅଗଷ୍ଟ, ୨୦୨୧ରୁ ଏବଂ କେନ୍ଦୁଝରଗଡ଼ ରୁ ୧୭ ଅଗଷ୍ଟ, ୨୦୨୧ ଠାରୁ ସମ୍ପ୍ରସାରିତ ମାର୍ଗର ଚଳାଚଳ କରିବ । ଏହି ଟ୍ରେନ୍ ଖୋର୍ଦ୍ଧା ରୋଡରୁ ଅପରାହ୍ନ ୪ଘ.୦୫ମି.ରେ ଛାଡି କେନ୍ଦୁଝରଗଡ଼ ଠାରେ ରାତ୍ରି ୯ଘ.୩୫ମି.ରେ ପହଂଚିବ ଏବଂ କେନ୍ଦୁଝରଗଡ଼ରୁ ସକାଳ ୦୬ଘ.୩୦ମି.ରେ ଛାଡି ଖୋର୍ଦ୍ଧା ରୋଡ଼ ଠାରେ ପୂର୍ବାହ୍ନ ୧୧ଘ.୨୫ମି.ରେ ପହଂଚିବ। ଭୁବନେଶ୍ୱର ଏବଂ କେନ୍ଦୁଝରଗଡ଼ ମଧ୍ୟରେ ଏହି ଟ୍ରେନର ସମୟ ସାରଣୀ ଏବଂ ରହଣି ଷ୍ଟେସନ ଅପରିବର୍ତ୍ତିତ ରହିବ ।

## ୟୁଟିଆ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଫୁଲନଖରା:ୟୁଟିଆ ଶିକ୍ଷକ ସଂଘ ତରଫରୁ ୫ସେପ୍ଟେମ୍ବର ୨୦୨୧ତାରିଖରେ ଆଭାସୀ ମାଧ୍ୟମରେ ଗୁରୁଦିବସ ଓ ସଂଘର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ବିଧାୟକ ଅମର ଶତପଥି, ବିଧାୟକ ସୌମ୍ୟରନ ପଟ୍ଟନାୟକ, ବଦ୍ରି ପାତ୍ର, ଶିଶିଭୂଷଣ ବେହେରା, ଅନନ୍ତ ଦାସ ପ୍ରମୁଖ ଅଂଶ ଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଛି। ସଂଘର ମୁଖ୍ୟ ଦାବି ବ୍ଲକ ଗ୍ରାଣ୍ଟ ପାଉଥିବା ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, ଓ କର୍ମଚାରୀଙ୍କୁ ୭ମ ବେତନ କମିଶନ ସୁପାରିସ, ଚାକିରି ସର୍ତ୍ତାବଳୀ, ପେନସନ, ୮୫୪ ପ୍ରଧାନ ଶିକ୍ଷକଙ୍କୁ ୧୧ମାସର ବକେୟା ବେତନ ପ୍ରଦାନ, ଅନୁଦାନରୁ ବଞ୍ଚିତ ୧୬୭ଉଚ୍ଚ ବିଦ୍ୟାଳୟ ଓ କଲେଜଗୁଡ଼ିକୁ ଅନୁଦାନ, ୭.୫ ମାସର ଗ୍ରାଚ୍ୟୁଇଟି ପ୍ରଦାନ, ଅଧ୍ୟାପକମାନଙ୍କର ୨୩ବର୍ଷରେ ଅଧ୍ୟାପକ ପଦବୀକୁ ପଦୋନ୍ନତି, ୬୧୦ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ୬୦୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ, ଅବସର ବୟସ ସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି, ଅଧ୍ୟାପକମାନଙ୍କର ଚାକିରି ବୈଧିକରଣ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବିଷୟ ଶିକ୍ଷକଭାବେ ବିଇଡ଼ି ଶିକ୍ଷକମାନଙ୍କୁ ନିଯୁକ୍ତି ଆଦି ଦାବିଗୁଡ଼ିକ ପୂରଣ ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ। ଆଜିର ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ଡଃ.ଯୁଧିଷ୍ଠିର ଖଟୁଆ, ଉପଦେଷ୍ଟା ଭାଗବତ ପ୍ରଧାନ, ସାଧାରଣ ସମ୍ପାଦକ ଡଃ.ବ୍ରଜକିଶୋର ନାୟକ, ଉପସଭାପତି ଭିକାରିଚରଣ ଧଳ, ଉପଦେଷ୍ଟା ଡଃ.କାର୍ତ୍ତିକଚନ୍ଦ୍ର ବରାଳ, ଶିକ୍ଷାବିତ ମନୋରନ ବାରିକ, କମଳକୁମାରୀ ଦାଶ, କୁସୁମ ସାହୁ, କ୍ଷେତ୍ରମୋହନ ମହାରଣା, ଅରୁଣ ମହାରଣା, ଜ୍ୟୋସ୍ନା ମହାରଣା, ନରେନ୍ଦ୍ର ସ୍ୱାଇଁ, କିଶୋର ମୁଦୁଲି ଓ ଡଃ.ରଶ୍ମିରନ ନାଥଙ୍କ ସମେତ ସୁବାସ ପାଢ଼ୀ, ରାଜୀବ ପାଣିଗ୍ରାହୀ, ଲକ୍ଷ୍ମଣ ମହାନ୍ତି, ଅକ୍ଷୟ ଆଚାର୍ଯ୍ୟ, ସୁଶାନ୍ତ ଦୀପ, ବାଳକୃଷ୍ଣ ବ୍ରହ୍ମା, ହେମନ୍ତ ଜେନା, କସ୍ତୁରୀ ସ୍ୱାଇଁ, ଡଃ.କବିଚରଣ ବେହେରା, ଅର୍ଜୁନ ପରମଗୁରୁ, ବିଜୟକେତନ ସାମଲ, ସଲିଳରନ ମହାନ୍ତି, ରଘୁନାଥ ମହାନ୍ତି, ଭବାନୀ ପଣ୍ଡା, ନରେନ୍ଦ୍ର ଶତପଥି, ମାୟାଧର ନାୟକ, ସୁଧାକର ମିଶ୍ର, ଅଧ୍ୟାପକ ଶଙ୍କର୍ଷଣ ମହାଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक



Bhubaneswar Sunday August 22, 2021 ଭୁବନେଶ୍ୱର ରବିବାର, ଅଗଷ୍ଟ ୨୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବେଦାନ୍ତ ପକ୍ଷରୁ କରୋନା ଦ୍ୱିତୀୟ ଲହର ପରେ ଝାରସୁଗୁଡ଼ାର କୃଷକମାନଙ୍କୁ ପୁଣିଥରେ ସେମାନଙ୍କ ଜୀବିକା ନିର୍ବାହ ପାଇଁ ସହାୟତା



ଝାରସୁଗୁଡ଼ା : କୋଭିଡର ଦ୍ୱିତୀୟ ଲହରୀ ପରେ ଆଲୁମିନିୟମ ଓ ମୂଲ୍ୟଯୁକ୍ତ ଉତ୍ପାଦର ଭାରତର ବୃହତ ଉତ୍ପାଦକ, ବେଦାନ୍ତ ଆଲୁମିନିୟମ ବିଭିନ୍ନ ଅର୍ଥକାରୀ ଫସଲ ଲାଗି ବିହନ ପରି କୃଷି ସମ୍ବଳ ଓ ଭର୍ମି କଂପୋଷ୍ଟ ପରି କୃଷି ଉପାଦାନକୁ ଝାରସୁଗୁଡ଼ାର ଚାଷୀମାନଙ୍କୁ ବିତରଣ କରିଛି। ଏହା ବେଦାନ୍ତର ସ୍ଥାୟୀ ଜୀବିକା ପ୍ରକଳ୍ପ ଜୀବିକା ସମୃଦ୍ଧିର ଏକ ଅଂଶ, ଯାହାର ଲକ୍ଷ୍ୟ କ୍ଷୁଦ୍ର ଓ ମଧ୍ୟମ ଚାଷୀମାନଙ୍କୁ ଚାଷ କାର୍ଯ୍ୟର ଉନ୍ନତ, ଅଧିକ ଦକ୍ଷ ଓ ସ୍ଥାୟୀ ପ୍ରଣାଳୀ ପ୍ରଦାନ କରିବା। ଏହା ଦ୍ୱାରା କୃଷି କାର୍ଯ୍ୟରେ ଅମଳ ବୃଦ୍ଧି ହେବା ସାଙ୍ଗକୁ କୃଷିରେ ବିନିଯୋଗ ହୋଇଥିବା ଅର୍ଥ ଫେରସ୍ତ ହୋଇ ପାରିବ।ବେଦାନ୍ତ ପକ୍ଷରୁ ଚାଷୀମାନେ ନିଜ ଫସଲ ଉପରେ ଉପଯୁକ୍ତ ଜ୍ଞାନ ଲାଭ ପାଇଁ ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟ କୋଲାବିରା ବ୍ଲକ, ଝାରସୁଗୁଡ଼ାର ସୁରେନ୍ଦ୍ର ଡେଲକିଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ଓ ପରାମର୍ଶ ଶିବିର ପରିଚାଳନା କରାଯାଇଥିଲା। ଏହା ବ୍ୟତୀତ ଚାଷୀମାନଙ୍କୁ ଜୈବ ସାର ଓ ବିହନ ଉପଚାର ସଂପର୍କରେ ସଚେତନ କରାଯାଇଥିଲା। ସେ ମଧ୍ୟ ଚାଷ ଉପରେ ବିଭିନ୍ନ ସରକାରୀ ଯୋଜନାରୁ ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ।ବେଦାନ୍ତର ଏହି ପଦକ୍ଷେପ ସଂପର୍କରେ ଶ୍ରୀ ଦୀପକ ପ୍ରସାଦ, ଡେପୁଟି ସିଇଓ- ବେଦାନ୍ତ ଲି, ଝାରସୁଗୁଡ଼ା କହିଥିଲେଯେ ଆମ ଗୋଷ୍ଠୀ ମଧ୍ୟରେ ସ୍ଥାୟୀ ଜୀବିକା ସୃଷ୍ଟି କରିବା ହେଉଛି ଏକ ପ୍ରମୁଖ ବିଷୟ ଓ ଦକ୍ଷତା ବିକାଶ ପାଇଁ ଅମେ ଅନେକ ଗୁଡ଼ିଏ ସହାୟତା ଯୋଗାଇ ଦେଉଛୁ। ଏ ଅଂଚଳର ଚାଷକୁ ସମୃଦ୍ଧ କରିବା ଲାଗି ଆମର ନିରନ୍ତର ପ୍ରୟାସ ଜାରି ରହିଛି ଯାହା ସ୍ଥାନୀୟ ଗୋଷ୍ଠୀଙ୍କ ପାଇଁ କ୍ରମାଗତ ଲାଭ ଆଣିବ।ଶ୍ରୀ ସୁରେନ୍ଦ୍ର ଡେଲକି, ସହକାରୀ ଉଦ୍ୟାନ ଅଧିକାରୀ, କୃଷି କାର୍ଯ୍ୟାଳୟ, କୋଲାବିରା ବ୍ଲକ, ଝାରସୁଗୁଡ଼ା, ଓଡ଼ିଶା ସରକାର କଂପାନିର ପଦକ୍ଷେପକୁ ପ୍ରଶଂସା କରି କହିଥିଲେଯେ ଝାରସୁଗୁଡ଼ାର ବିକାଶରେ ବେଦାନ୍ତର ଉଲ୍ଲେଖନୀୟ ଅବଦାନ ରହିଛି। ଏହାର ଜୀବିକା ସମୃଦ୍ଧି ପ୍ରକଳ୍ପ ଚାଷୀମାନଙ୍କୁ ଉନ୍ନତ ମାନର ଚାଷ ପ୍ରଣାଳୀ ସହ ପରିଚିତ କରାଇପାରିଛି। ଉନ୍ନତ କୃଷି ପ୍ରଣାଳୀ ଓ ଜମି ଓ ଜଳ ପରିଚାଳନାରେ ସର୍ବୋତମ ପ୍ରୟାସ ସହ ଆଜି ପର୍ଯ୍ୟନ୍ତ ୨୫୦ରୁ ଅଧିକ ଚାଷୀ ପରିବାର ଉପକୃତ ହୋଇପାରିଥିବାରୁ ମୁଁ ବେଦାନ୍ତକୁ ଧନ୍ୟବାଦ ଜଣାଉଛି।

୨୦୧୭ରେ ଆରମ୍ଭ ହୋଇଥିବା ଜୀବିକା ସମୃଦ୍ଧି ବେଦାନ୍ତ ଓ ଏସଇଡବଲ୍ୟୁଏ ( ମହିଳା ସଚେତନତା ପାଇଁ ସାମଜିକ ଶିକ୍ଷା) ଝାରସୁଗୁଡ଼ାର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିଲା। ୨୫୦ରୁ ଅଧିକ ଚାଷୀ ପରିବାର ସହିତ ଜଡ଼ିତ ଥିବା ଗୁଡ଼ିଗାଁ, କେଲଦାମାଳ ଓ ଶିରିଆପାଲି ଗ୍ରାମରେ ଏହା କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପର ମୁଖ୍ୟ ସ୍ତମ୍ଭ ହେଉଛି କୃଷି ଉତ୍ପାଦନ କ୍ଲଷ୍ଟରର ବିକାଶ ଓ କୃଷକ ସଂଗଠନ ଗଠନ, ସରକାରୀ ଯୋଜନା ସହଯୋଗରେ ଜଳସେଚନ ଭିତିଭୂମିର ବିକାଶ, ଉନ୍ନତ ଚାଷ କାର୍ଯ୍ୟ ସହ ନଗଦ ଫସଲ ପାଇଁ ପ୍ରୋତ୍ସାହନ, ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକୀ ଏକତ୍ରୀ କରଣ ଓ ଅମଳ ପରବର୍ତି ପରିଚାଳନା, ଉତ୍ପାଦର ମାର୍କେଟିଂ, ସରକାରୀ ଯୋଜନାରୁ ଲାଭ ଓ କୃଷକମାନଙ୍କ ଦକ୍ଷତା ବୃଦ୍ଧ କରିବା। ଏପର୍ଯ୍ୟନ୍ତ ଚାଷୀମାନଙ୍କ ପାଇଁ ଅନେକ ସରକାରୀ ଯୋଜନା ସହିତ ମିଶ୍ରଣ ମାଧ୍ୟମରେ ୫୮ଲକ୍ଷରୁ ଅଧିକ ପୁଂଜି ବିନିଯୋଗ ପ୍ରକଳ୍ପ ପାଇଁ କରାଯାଇଛି। ବେଦାନ୍ତ କୃଷି ଓ ଉଦ୍ୟାନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ଅଧିବେଶନ ଆୟୋଜନ କରୁଛି। ମହାମାରୀ ସମୟରେ ବେଦାନ୍ତ କୃଷି ସମ୍ବନ୍ଧିତ ସୂଚନା ତଥା ସ୍ଥାନୀୟ କୃଷକଙ୍କ ପାଇଁ ଡିଜିଟାଲ ସହଯୋଗ ପ୍ଲାଟଫର୍ମ, ହ୍ୱାଟସ ଆପ ମ୍ୟାସେଜିଂ ଇତ୍ୟାଦି ବ୍ୟବହାର କରିଥିଲା ଓ ଏହା ମାଧ୍ୟମରେ ଚାଷୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଯୋଗାଇ ଥିଲା। ଏହି ପ୍ରକଳ୍ପ ଅଧିନରେ ନାମ ଲେଖାଇଥିବା ଚାଷୀଙ୍କର ଘରୋଇ ଆୟରେ ୪୩.୪୮% ବୃଦ୍ଧି ଘଟିଛି।

ଜୀବିକା ସମୃଦ୍ଧି ପଦକ୍ଷେପ ହେତୁ ପ୍ରାୟ ୭୦% ଚାଷୀ ଏବେ ବର୍ଷ ତମାମ ଚାଷ କରୁଛନ୍ତି। ସମ୍ବଳ ଓ ବର୍ଦ୍ଧିତ ଜଳସେଚନ ବ୍ୟବସ୍ଥାକୁ ଏହି ପ୍ରକଳ୍ପ ଯୋଗାଇ ଦେଇଛି। ବେଦାନ୍ତର ସାମାଜିକ ପଦକ୍ଷେପ ମଧ୍ୟରେ ସ୍ଥାୟୀ ଜୀବିକା, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜୈବ ବିନିଯୋଗ ଓ ଗୋଷ୍ଠୀର ବିକାଶରେ ଝାରସୁଗୁଡ଼ାର ସମୁଦାୟ ୭୨ଟି ଗ୍ରାମ ଓ ଆଖ ପାଖ ଗ୍ରାମରେ କାର୍ଯ୍ୟକାରୀ କରାଯାଉଛି ଓ ଏଥିରେ ପ୍ରାୟ ୮୦୦୦୦ ଲୋକ ଉପକୃତ ହେଉଛନ୍ତି। ଏହାର ୩୩୯ ଏସଏଚଜି ମାଧ୍ୟମରେ ୪୦୦୦ରୁ ଅଧିକ ମହିଳା ଉପକୃତ ହୋଇପାରିଛନ୍ତି। ବର୍ଷକୁ ପ୍ରାୟ ୩୨୦୦୦ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଁଚି ପାରିଛି। ୬୪୦୦ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ସହାୟତା ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧.୪୮ ବୃକ୍ଷରୋପଣ କରାଯାଇଛି। ବେଦାନ୍ତ ହେଉଛି ସବୁଜ ଧାତୁ, ଆଲୁମିନିୟମ ଉତ୍ପାଦନ କରିବାରେ ଭାରତର ବୃହତମ ଉତ୍ପାଦକ। ଏହା ବିଶ୍ୱଶ୍ରେଣୀର ୧.୬ ଏମଟିପିଏ ଆଲୁମିନିୟମ ସ୍ମେଲଟର ପ୍ଲାଂଟ ଓ ଝାରସୁଗୁଡ଼ାରେ ୩୬୧୫ ମେଗ୍ୱାର ତାପଜ ବିଜୁଳି ଉତ୍ପାଦନ କରୁଛି। ଏକମାତ୍ର ଭାରତୀୟ ସ୍ମେଲଟର ଭାବରେ ବିଶ୍ୱକୁ ୧ ନିୟୁତ ଟନ ଉତ୍ପାଦନ ଓ ଏକସପୋର୍ଟ କ୍ଲବ। ବେଦାନ୍ତର ଝାରସୁଗୁଡ଼ା ହେଉଛି ଏକ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦକ । ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

# ପାୟଲ ମ୍ୟୁଜିକ ସ୍କୁଲରେ ସଦ୍‌ଭାବନା ଦିବସ ପାଳନ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସଂସ୍କୃତିକ ଅନୁଷ୍ଠାନ ପାୟଲ ମ୍ୟୁଜିକ ସ୍କୁଲ ପରିସରରେ କେନ୍ଦ୍ରାପଡା ନେହେରୁ ଯୁବକେନ୍ଦ୍ର ଆନୁକୁଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ୭୭ତମ ଜୟନ୍ତୀ ଉପଲକ୍ଷେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାୟଲ ମ୍ୟୁଜିକ ସ୍କୁଲର ସଭାପତି ନୀଳମାଧବ ପତି ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଗୋଲି ତିରୁପତି ରେଡ୍ଡି, ଅଭିନେତା ଦୀପକ ରଞ୍ଜନ ବୋଷ, ନେହେରୁ ଯୁବ କେନ୍ଦ୍ରର ପରିଦର୍ଶକ ଲକ୍ଷ୍ମଣ କୁମାର ଜେନା ଯୋଗଦେଇ ସ୍ୱର୍ଗତ ଗାନ୍ଧିଙ୍କ ସ୍ମୃତି ଚାରଣ କରିଥିଲେ । ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱର୍ଗତ ରାଜୀବ ଗାନ୍ଧିଙ୍କ ସ୍ମୃତି ଚାରଣ କରିଥିଲେ । ପାୟଲ ମ୍ୟୁଜିକ ସ୍କୁଲର ଗୁରୁ ଭାସ୍କର ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ପାୟଲ ମ୍ୟୁଜିକ ସ୍କୁଲର ଛାତ୍ରଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ । ନୃତ୍ୟଗୁର ଦିଲ୍ଲିପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁଯୁବଛାତ୍ର ପକ୍ଷରୁ ମେଗା ରକ୍ତଦାନ ଶିବିର,୧୩୩୬ ୟୁନିଟ ରକ୍ତ ସଂଗ୍ରହ



ଚଣ୍ଡିଖୋଲ: ବଡ଼ଚଣା ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ଶନିବାର ବଡଚଣାର ୩ ଗୋଟି ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି.୩ ଗୋଟି ଶିବିରରୁ ମୋଟ ୧୩୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି.ବିଧାୟକ ଅମର ପ୍ରସାଦ ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା .ନିଜେ ବିଧାୟକ ୩ ଗୋଟି ଶିବିରକୁ ପରିଦର୍ଶନ କରି ରକ୍ତଦାତା ମନଙ୍କୁ ଉତ୍ସାହିତ କରିଥିଲେ.ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ରେ ୫୦୬,ସରକାରୀ ଉଚ୍ଚବିଦ୍ୟାଳୟ ବାଲିଚନ୍ଦ୍ରପୁରରେ ୪୮୦ ଓ ଛତିଆ ରେ ୩୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା.ବିଧାୟକ ଅମର ପ୍ରସାଦ ଶତପଥି ପ୍ରଭୁ ଶ୍ରୀ ଜଗନାଥ ଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ରକ୍ତଦାନ ଶିବିରକୁ ଉଟଘଟନ କରିଥିଲେ.ଏହି ଶିବିରରେ ବଡ଼ଚଣା ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ,ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ ,ପଂଚାୟତ ସମିତି ସମିତି ଅଧକ୍ଷ ଭାଗ୍ୟଧର ମଲିକ,ବଡ଼ଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ,ଆମ୍ବା ର ଅଧକ୍ଷ ନିରଞ୍ଜନ ସେନାପତି ,ସୁଂଗୁଡା ସରପଂଚ ଚାଚାଲୀନ ସ୍ୱାଇଁ ,ସରପଞ୍ଚ ଯଯାତି କେଶରୀ ରାଉତ ,ଆଶିଷ ରଞ୍ଜନ ଚଉଧୁରୀ ,ସ୍ନେହଲତା ସ୍ୱାଇଁ,ହରପ୍ରିୟା ବରାଳ ,ମିଶନ ଶକ୍ତି ଅଧକ୍ଷ କିଛିନା ମହାପାତ୍ର ,ବିଜେଡି ଜୋନ ସଭାପତି ସଞ୍ଜୟ ସ୍ୱାଇଁ ,ବିଜେଡି କୋଷାଧକ୍ଷ ମିହିର ସ୍ୱାଇଁ ,ରଞ୍ଜନ କୁମାର ଦାଶ, ମଧୁସୂଦନ ବଳ,ପ୍ରଶାନ୍ତ କୁମାର ଜେନା ,ମସିର ଆଲାମ ,ଜଗନାଥ ମୁଦୁଲି ,କିଶୋର ସାମଲ,ପ୍ରିୟବ୍ରତ ଖିଲାର ପ୍ରମୁଖ ଉପସ୍ଥିତ ରହି ରକ୍ତଦାନରେ ସହଯୋଗ କରିଥିଲେ .ଆଜିର ଏହି ରକ୍ତ ଦାନ ଶିବିରରେ ବହୁ ମହିଳା ମାନେ ସ୍ୱତପ୍ରଭୁତ୍ୱ ଭାବେ ଆସି ରକ୍ତ ଦେଉଥିବା ଦେଖିବାକୁ ମିଳିଥିଲା .ଚଣ୍ଡିଖୋଲ ରେ ହେଉଥିବା ଶିବିରରୁ କଟକ ବଡ ମେଡିକାଲ ର ଡାକ୍ତର ଟିମ ,ବାଲିଚନ୍ଦ୍ରପୁର ରୁ ଯାଜପୁର ଓ ଛତିଆ ରୁ କଟକ ରେଡକ୍ରସ ର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ .

# ଓଡିଶାର ସର୍ବାଧିକ ଜିଏସଟି ପ୍ରଦାନକାରୀ ସଂସ୍ଥା ଭାବରେ ଜେଏସପିଏଲ ପରିଗଣିତ




ଅନୁଗୋଳ : ଅନୁଗୋଳ ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ) ଓଡିଶା ରାଜ୍ୟର ଘରୋଇ ଶିଳ୍ପ ସଂସ୍ଥା ମାନଙ୍କ ମଧରେ ସର୍ବାଧିକ ଜିଏସଟି ପ୍ରଦାନକାରୀ ଶିଳ୍ପ ସଂସ୍ଥା ଭାବରେ ପରିଗଣିତହୋଇଅଛିକ୍ଷ ଗତ ୨୦୧୮ ଠାରୁ ଆରମ୍ଭ କରି ୨୦୨୧ ମସିହା ନିମନ୍ତେଜିଏସଟି ପ୍ରଦାନରହିସାବକୁ ଆଧାର କରି, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କମିସନରେଟ,ରାଉରକେଲା ପକ୍ଷରୁ ଜେଏସପିଏଲ ଅନୁଗୋଳ ୟୁନିଟକୁ ସଚୋଟ ଟିକସ ଅଭ୍ୟାସ ନିମନ୍ତେ ସମ୍ବର୍ଦ୍ଧିତ କରିଅଛି କ୍ଷଏହି ଉଲ୍ଲେଖନୀୟ ଅଭ୍ୟାସ ନିଶ୍ଚିତ ରୂପେ ଅନ୍ୟ ଶିଳ୍ପ ସଙ୍ଗଠନକୁସଚୋଟତା ଦିଗରେ ପ୍ରେରିତ କରିବ ଏବଂ ସେମାନଙ୍କୁ ମଧ ରାଷ୍ଟ୍ର ନିର୍ମାଣ ଦିଗରେଉତ୍ସାହିତ କରିବ ବୋଲି ଅର୍ଥ ମନ୍ତ୍ରଣାଳୟଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ କରାଯାଇଅଛି ।ଏହି ଅବସରରେ ଶ୍ରୀ ବିଜୟ ରିଷି,ଜିଏସଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କମିଶନର,ରାଉରକେଲା ଏହି ସମ୍ବନ୍ଧରେ ପ୍ରଶସ୍ତି ପତ୍ର ଜେଏସପିଏଲ ଅନୁଗୋଳରଶ୍ରୀ ସଲିମ ଅଖତର, ଡିଜିଏମ (ଟାକ୍ସେସନ) ଏବଂ ଶ୍ରୀ ରବି ବାଧାବନ , ଡିଜିଏମ (ଫାଇନାନ୍ସ)ଙ୍କୁ ପ୍ରଦାନ କରିଥିଲେ । ଅର୍ଥ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଏହି ସମ୍ମାନ ଗ୍ରହଣ ଅବସରରେ , ଜେଏସପିଏଲର ଅନୁଗୋଳ ୟୁନିଟ ମୁଖ୍ୟ ଶ୍ରୀ ହୃଦୟେଶ୍ୱର ଝା ନିଜର ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ,'ରାଷ୍ଟ୍ରର ଆଇନ ଏବଂ ନିୟମକୁ ମାନି ଚ଼ଳିବା ହେଉଛି ପ୍ରତ୍ୟେକ ନାଗରିକ ଏବଂ ସଂସ୍ଥାର ପ୍ରମୁଖ ଦାୟିତ୍ୱ'କ୍ଷ ଏହା ଅତ୍ୟନ୍ତ ଖୁସିର ବିଷୟଯେ, ଆମ ଦେଶର ଅର୍ଥ ମନ୍ତ୍ରଣାଳୟ,ଓଡିଶା ରାଜ୍ୟର ଘରୋଇ କ୍ଷେତ୍ରରେ ସର୍ବାଧିକ ଜିଏସଟି ଟିକସ ପ୍ରଦାନ ନିମନ୍ତେ ଆମ୍ଭକୁ ପରିଗଣିତ କରିବା ସହିତ ଏକ ମାନପତ୍ର ସହ ମଧସମ୍ବର୍ଦ୍ଧିତ କରିଛନ୍ତିକ୍ଷ ଏକ ଦାୟିତ୍ୱ ସଂପନ୍ନ କର୍ପୋରେଟ ସଂସ୍ଥା ଭାବରେ ଆମ୍ଭ ? ଭବିଷ୍ୟତରେ ମଧ ଆମର ସମସ୍ତ ବାଣିଜ୍ୟିକ ଅଭ୍ୟାସରେ ସରକାରଙ୍କ ସମସ୍ତ ବିଧି ନିୟମକୁ ମାନି ଚ଼ଳିବୁ ବୋଲି ଶ୍ରୀ ଝା ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ସେଲ, ଚ଼ାମ୍ବର ଅଫ କମର୍ଶ , ଚ଼ାଟାର୍ଡ ଆକାଉଣ୍ଟାଣ୍ଟ ଆସୋସିଏସନ ଏବଂ ରାଉରକେଲା ବାର ଆସୋସିଏସନ ଏବଂ ଶ୍ରୀ ଦେବଜ୍ୟୋତି ଚ଼କ୍ରବର୍ତୀ, ଅତିରିକ୍ତ କମିଶନର-ଜିଏସଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଶ୍ରୀ ଆସିକ ଜମାଲ, ଉପ-କମିଶନର -ଜିଏସଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଶ୍ରୀ ଧରମବୀର ସିଂହ,ଅଧୀକ୍ଷକ - ଜିଏସଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ଜିଲାରେ ଆଜି ୩୧କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶନିବାର ୩୧ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୪ଜଣ, ଗରଦପୁର ବ୍ଲକରେ ୨ଜଣ, କେନ୍ଦ୍ରାପଡା ବ୍ଲକରେ ୯ଜଣ, ମାର୍ଶାଘାଇ ବ୍ଲକରେ ୬ଜଣ ଓ ପଟ୍ଟାମୁଣ୍ଡାଇ ବ୍ଲକରେ ୨ଜଣ, ରାଜକନିକା ବ୍ଲକରେ ୪ଜଣ, କେନ୍ଦ୍ରାପଡା ପୌରାଞ୍ଚଳରେ ୨ଜଣ ଓ ଅନ୍ୟ ଜିଲ୍ଲାର ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

# ଆଇ.ଓ.ସି.ଏଲ ପକ୍ଷରୁ ଆପାତକାଳୀନ ଅନସାଇଟ୍ ମକଡ୍ରିଲ



ବାଲେଶ୍ୱର: ବାଲେଶ୍ୱର ହିଡିଗାଁ ସ୍ଥିତ ଆଇ.ଓ.ସି.ଏଲ.(ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍)ର ପାରାଦ୍ୱୀପ-ହଳଦିଆ-ବାରୁଣୀ ପାଇପଲାଇନ ପ୍ଲାଂଟ ପ୍ରାଙ୍ଗଣରେ ଆଜି ପୂର୍ବାହ୍ନ ସାଢେ ୧୧ଘଟିକା ସମୟରେ ଏକ ଆପାତକାଳୀନ ଅନସାଇଟ୍ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଆକସ୍ମିକ ଭାବେ ଯେତେବେଳେ ଅଏଲ ପାଇପଲାଇନରେ କୌଣସି ଅଗ୍ନିକାଣ୍ଡ ଘଟେ, ତେବେ ସେତେବେଳେ କିଭଳି ତାକୁ ତତ୍କ୍ଷଣାତ୍ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଏହି ମକଡ୍ରିଲ ମାଧ୍ୟମରେ ଅଭ୍ୟାସ କରାଯାଇଥିଲା । ଏଥିରେ ଏନଡିଆରଏଫ, ଅଗ୍ନିଶମ ଏବଂ ଆଇ.ଓ.ସି.ଏଲ ପ୍ଲାଂଟର ସୁରକ୍ଷା ଦାୟିତ୍ୱରେ ଥିବା କାର୍ଯ୍ୟକର୍ତା ଓ ସମସ୍ତ ଶ୍ରମିକ ଅଂଶଗ୍ରହଣ କରିଥିଲେ । ଆଇ.ଓ.ସି.ଏଲ.(ପି.ଏଚ.ବି.ପି.ଏଲ.)ର ଚିଫ ଅପରେସନ ମ୍ୟାନେଜର ଶ୍ରୀ ମହେନ୍ଦ୍ର କୁମାର ସାହୁ ଅଗ୍ନିକାଣ୍ଡ ସମୟରେ ଧନଜୀବନ ରକ୍ଷା କରିବାର ବିଭିନ୍ନ ଉପାୟ ଏବଂ କୌଶଳ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ଶ୍ରୀ ଶାନ୍ତନୁ ଲେଙ୍କା, ଏନଡିଆରଏଫ ଇନସପେକ୍ଟର ଶ୍ରୀ ମନୋରଞ୍ଜନ ମହାନ୍ତି ଏବଂ ପି.ଏଚ.ବି.ପି.ଏଲ.ର କର୍ମକର୍ତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିବା ସହିତ ନିଜର ବକ୍ତବ୍ୟ ରଖିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray